୭୮ ବର୍ଷରେ ସଂଘ

ଇ. ସଂସ୍କରଣ-୧୭

R.N.I. Regd. No. ORBIL-1997/1014
Postal Regd. No. : BN/61/20-22

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ମାସିକ ମୁଖପତ୍ର

# ଟେକ୍ନୋସ୍କ୍ରାଇବ୍

# The Technoscribe

MONTHLY ORGAN OF THE ODISHA DIPLOMA ENGINEERS'SERVICE ASSOCIATION

(୧୯୭୪ ମସିହାରୁ ଟେକ୍ନୋଟାଇମ୍ସ ଭାବରେ ପ୍ରକାଶିତ ଓ ପରେ ଟେକ୍ନୋସ୍କ୍ରାଇବ୍ ଭାବରେ ପୁନର୍ନାମିତ)

• ୧୯୭୪-୨୦୨୨ • ୪୮ ବର୍ଷ

VOL. 26 NO.10 • JUNE- 2022 • ଦ୍ୱାତ୍ରିଂଶ ବର୍ଷ • ଦଶମ ସଂଖ୍ୟା • ଜୁନ୍ - ୨୦୨୨ • ଗ୍ରାହକ ଦେୟ : ପାଞ୍ଚଶହ ଟଙ୍କା (ଆଜୀବନ)



ଓଡ଼େଶାର ୭୮ତମ ପ୍ରତିଷ୍ଠା ଦିବସ ଏବଂ ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ






ଏବଂ
ଜୁବୁଲି
ବିଭିନ୍ନ
ଭବନ
ସେବା


ଦିବସ ଏବଂ ପ୍ଲାଟିନମ୍ ଜୁବୁଲି ସାଗତ
ପରିବାର ଛାତ୍ର ଛାତ୍ରୀଙ୍କ
ପ୍ରତିଯୋଗୀତା
ଡିପ୍ଲୋମା
ସେବା ସଙ୍ଘ


ଜୁବୁଲି
ଭବନ


ଜୁବୁଲି
ସମାରୋହ
ଭବନ


ଡିପ୍ଲୋମା



ଓଡ଼ିଶା ଡିପ୍ଲୋମା ଇଂଜିନିୟର
ସେବା ସଂଘର ମାସିକ ମୁଖପତ୍ର
**"ଟେକ୍ନୋସ୍କ୍ରାଇବ୍"**
ବୈଦ୍ୟୁତିକ ସଂସ୍କରଣ-୧୭

**Vol-26 No.-10**
ଦ୍ୱାତ୍ରିଂଶ ବର୍ଷ ଦଶମ ସଂଖ୍ୟା

**ଜୁନ୍ -୨୦୨୨**

ସମୁଦାୟ ପୃଷ୍ଠା ସଂଖ୍ୟା-୩୦

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ
୭, ଖାରବେଳ ନଗର, ୟୁନିଟ୍-୩
ଭୁବନେଶ୍ୱର - ୭୫୧୦୦୧
ଫୋନ୍ : 0674-3521518
E-mail : odesa_1944@yahoo.com
Web. : www.odesa.co.in

**ସମ୍ପାଦନା ମଣ୍ଡଳୀ :**

ଇଂ. ଶ୍ରୀଧର ବାରିକ -ସମ୍ପାଦକ
ଇଂ. ସଚିତ୍ର ମୋହନ ରାଉଳ- ସଦସ୍ୟ
ଇଂ. ଯଶୋବନ୍ତ ନାୟକ - ସଦସ୍ୟ
ଇଂ. ବିଜୟ କୁମାର ସାହୁ - ସଦସ୍ୟ
ଇଂ. ସୁଦର୍ଶନ ବେହେରା - ସଦସ୍ୟ

**ଯୋଗାଯୋଗ :**
**୯୪୩୭୩୫୭୪୦୫**

ପତ୍ରିକାର ଏକକାଳୀନ
ଗ୍ରାହକ ଦେୟ
ଟ.୫୦୦ଙ୍କା (ପାଞ୍ଚଶତ ଟଙ୍କା )



**ସମ୍ପାଦକୀୟ......**

## ସୃଷ୍ଟି ହେଉ ପୁଣି ଏକ ନୂତନ ଇତିହାସ

ପ୍ରତିକୂଳ ପରିସ୍ଥିତିରେ ଉଦ୍ୟମ ଅବ୍ୟାହତ ରଖି ଲକ୍ଷ ସ୍ଥଳରେ ପହଞ୍ଚିବାର ପରାକାଷ୍ଠା ଯେଉଁମାନଙ୍କର ଥାଏ, ସଫଳତା ସେମାନଙ୍କ ହାତ ପାହାନ୍ତାକୁ ଆସିଥାଏ । ଅଧିକନ୍ତୁ ସେଇ ସଫଳତାର ସ୍ୱାଦ ଖୁବ୍ ମିଠା ମଧ୍ୟ ହୋଇଥାଏ । ବିଗତ ଅଢେଇ ବର୍ଷ ଧରି ସମଗ୍ର ବିଶ୍ୱ ଯେଉଁ ଭୟାନକ ମହାମାରୀର ଶିକାର ହୋଇ ପ୍ରତ୍ୟେକ କ୍ଷେତ୍ରରେ ଭୟାନକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ସେଇ ବିପର୍ଯ୍ୟସ୍ତ ଅବସ୍ଥାକୁ ସୁଧାରି ପୁନର୍ବାର ସାବଲୀଳ ଧାରାକୁ ଆସିବାକୁ ବେଶ୍ କିଛି ବର୍ଷ ଲାଗିବ, ଯଦି ଏଥିପାଇଁ ସେତିକି ମାତ୍ରାରେ ଆନ୍ତରିକତା ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବର ସହିତ ଉଦ୍ୟମ କରାଯାଏ । ନତୁବା ଅବସ୍ଥା ଅଧିକ ଖରାପ ହେବ ସିନା ସୁଧୁରିବ ନାହିଁ ।

ଆମ ୭୮ ବର୍ଷର ଐତିହାସିକ ସଂଘ ଓ ଅଢେଇବର୍ଷ ତଳେ ଖୁବ୍ ସୁଦୃଢ ଥିବା ଏହାର ସଂଗଠନ ବିଶ୍ୱ ମହାମାରୀର ପ୍ରକୋପରେ ବହୁ ମାତ୍ରାରେ ବିପର୍ଯ୍ୟସ୍ତ ହୋଇଛି । ଏବେ ମହାମାରୀର ପ୍ରକୋପ ଶିଥିଳ ହେବାପରେ ଅବସ୍ଥା ସୁଧାରିବା ନିମିତ୍ତ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ଏଥିରେ ମୂଳରୁ ଚୂଳ ଯାଏ ସମସ୍ତଙ୍କର ଆନ୍ତରିକ ସହଯୋଗର ଆବଶ୍ୟକତା ରହିଛି । ଅର୍ଥାତ୍ ବ୍ଲକ କମିଟି ସ୍ତରରୁ ଶୀର୍ଷ କମିଟି କେନ୍ଦ୍ରୀୟ କାର୍ଯ୍ୟକାରିଣୀ ପର୍ଯ୍ୟନ୍ତ ଥିବା କର୍ମକର୍ତ୍ତାମାନଙ୍କର ମିଳିତ ଉଦ୍ୟମ ହିଁ ସଂଘ ଓ ସଂଗଠନର ଶିଥିଳ ଅବସ୍ଥାକୁ ବଦଳାଇ ଦେବାରେ ସକ୍ଷମ ହେବ । ଏଥିନିମିତ୍ତ ଯେଉଁ ସୁଯୋଗଟିଏ ଆସିଛି - ତାହା ହେଉଛି ସଂଘର ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନ । ଅଠସ୍ତରି ବର୍ଷର ଐତିହ୍ୟ ସଂଘର ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନକୁ କେବଳ ଆମ ରାଜ୍ୟ ଓଡ଼ିଶା ନୁହେଁ, ସମଗ୍ର ଭାରତ ବର୍ଷର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଡିପ୍ଲୋମା ଇଂଜିନିୟର ସଂଘମାନେ ମଧ୍ୟ ଏଥିରେ ସାମିଲ୍ ହେବା ନିମିତ୍ତ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି । ତେଣୁ ଆମ୍ଭମାନଙ୍କ ପାଇଁ ଏହା ନିଶ୍ଚୟ ଏକ ବଡ଼ ଆହ୍ୱାନ । ଜୁବୁଲି ପାଳନ ନିମିତ୍ତ ବର୍ତ୍ତମାନର ପରିସ୍ଥିତି ଅବଶ୍ୟ ଅନୁକୂଳ ନୁହେଁ । ପ୍ରତିକୂଳ ପରିସ୍ଥିତିରେ ହିଁ ଆମକୁ ଏଭଳି ଏକ ଗୁରୁଦାୟିତ୍ୱ ତୁଲାଇବାକୁ ହେବ । କାରଣ - ଏହା ହେଉଛି ସମୟର ବାଧ୍ୟବାଧକତା ବା ପରିସ୍ଥିତିର ଆହ୍ୱାନ । ପଞ୍ଚସ୍ତରି ବର୍ଷ ପୂରଣ ପରେ ବିଶ୍ୱ ମହାମାରୀ କାରଣରୁ ଜୁବୁଲି ଠିକ୍ ସମୟରେ, ଅର୍ଥାତ୍ ୨୦୨୦ ମସିହାରେ ପାଳିତ ହୋଇପାରିଲା ନାହିଁ । ଏବେ ପରିସ୍ଥିତି ସୁଧୁରିବା ପରେ ଅଠସ୍ତରି ବର୍ଷରେ ପ୍ଲାଟିନମ୍ ଜୁବୁଲି ପାଳନ ନକରିପାରିଲେ, ଇତିହାସ ନିକଟରେ ଆମେ ଉତ୍ତରଦାୟୀ ରହବା । ଇତିହାସ କାହାରିକୁ କ୍ଷମା ଦିଏନାହିଁ, ଆମକୁ ମଧ୍ୟ କ୍ଷମା ଦେଇନଥାନ୍ତା । ତେଣୁ ଆସନ୍ତା ଜୁଲାଇ ମାସ୨୩ ଓ ୨୪ତାରିଖରେ ଜୁବୁଲି ଉତ୍ସବ ପାଳନ ନିମିତ୍ତ ଗତ ୭୬ ତମ ବାର୍ଷିକ ସାଧାରଣ ସଭାର ନିଷ୍ପତ୍ତି ହେଉଛି ସଠିକ୍ ତଥା ସମୟୋପଯୋଗୀ ନିଷ୍ପତ୍ତି । ଏହି ନିଷ୍ପତ୍ତିକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାର ଗୁରୁଦାୟିତ୍ୱ ଆମ ସମସ୍ତଙ୍କର ।

ଦୁଇଟି ପର୍ଯ୍ୟାୟରେ ଜୁବୁଲି ପାଳନ ପାଇଁ ନିଷ୍ପତ୍ତି ଥିଲା । ପ୍ରଥମ ପର୍ଯ୍ୟାୟ ଉତ୍ସବ ଗତ ଜୁନ୍ ମାସ ୧୧ ଓ ୧୨ ତାରିଖରେ ପ୍ରତିଷ୍ଠା ଦିବସ ତଥା ସ୍ୱାଗତ ସମାରୋହ ଉତ୍ସବ ଭାବରେ ଖୁବ୍ ସଫଳତାର ପାଳିତ ହୋଇସାରିଛି । ଏହା ଆଗାମୀ ମୁଖ୍ୟ ଜୁବୁଲି ଉତ୍ସବ ପାଳନ ନିମିତ୍ତ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଛି । ଜୁବୁଲି ଉତ୍ସବକୁ ସର୍ବ ସଫଳ କରିବା ନିମିତ୍ତ କେନ୍ଦ୍ରୀୟ

ସ୍ତରରେ ପ୍ରସ୍ତୁତି ଅବ୍ୟାହତ ରହିଛି । ମହାମହୀମ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅତିଥିବୃନ୍ଦଙ୍କୁ ଜୁବୁଲି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବରେ ଯୋଗ ଦେବାକୁ ସାଦର ନିମନ୍ତ୍ରଣ କରାଯାଇଛି । ଅନ୍ୟ ରାଜ୍ୟର ଡିପ୍ଲୋମା ଇଂଜିନିୟର ସଂଘର ସତୀର୍ଥ ପ୍ରତିନିଧିବୃନ୍ଦ ବହୁ ସଂଖ୍ୟାରେ ଯୋଗଦେବା ନିମିତ୍ତ ସ୍ୱୀକୃତି ଦେଇସାରିଲେଣି । ଶାଖା ସ୍ତରରେ ପ୍ରସ୍ତୁତି କାର୍ଯ୍ୟ ଶାଖା କମିଟିର କର୍ମକର୍ତ୍ତାଗଣ ନିର୍ବାହ କରୁଥିବାର ଖବର ଆସୁଛି । ଜୁବୁଲି ପାଳନ କେବଳ ଆମ ସଂଘର ମାନ ସମ୍ମାନର କଥା ନୁହେଁ, ଏହା ଆମ ପାଇଁ ଗର୍ବ ଓ ଗୌରବର କଥା । ପ୍ରତ୍ୟେକ ଡିପ୍ଲୋମା ଇଂଜିନିୟର ଏଥିନିମିତ୍ତ ନିଜର ସଂଘୀୟ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ ନିମିତ୍ତ ଅନୁରୋଧ କରୁଛୁ । ବିଗତ ବର୍ଷମାନଙ୍କରେ ରୌପ୍ୟ, ସ୍ୱର୍ଣ୍ଣ ଓ ହୀରକ ଜୟନ୍ତୀ ଉତ୍ସବ ପାଳନ ଭଳି ପ୍ଲାଟିନମ୍ ଜୁବୁଲି ସ୍ମରଣୀୟ ହୋଇ ରହିବ - ଏଇ ଆଶା ଭରସାର ସହ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ଓଡ଼ିଶାର ଜୁବୁଲି ଉତ୍ସବ ପାଳନ ଅନ୍ୟ ସେବାସଂଘମାନଙ୍କ ନିମିତ୍ତ ଉଦାହରଣ ସୃଷ୍ଟିକରୁ । ସେବାରତ ଓ ଅବସରପ୍ରାପ୍ତ ସମସ୍ତଙ୍କର ଆନ୍ତରିକ ମିଳିତ ସହଯୋଗ ଓ ଉପସ୍ଥିତିରେ ପୁଣି ଏକ ନୂତନ ଇତିହାସ ସୃଷ୍ଟି ହେଉ ଏବଂ ସଂଘ ପୁନର୍ବାର ସକ୍ରିୟ ହୋଇ ଆଠ ହଜାର ସେବାରତ ସଦସ୍ୟସଦସ୍ୟାଙ୍କ ସେବାଜନିତ ସମସ୍ୟା ସମାଧାନର ଶିରସ୍ତ୍ରାଣ ଭାବେ କାର୍ଯ୍ୟକରୁ । ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନର ପ୍ରସ୍ତୁତି ପର୍ବରେ ଏହି ବାର୍ତ୍ତା ରହୁ ।

**ଇଂ. ଶ୍ରୀଧର ବାରିକ**
**ସାଧାରଣ ସମ୍ପାଦକ**

# ବ୍ରହ୍ମପୁରଠାରେ ଦକ୍ଷିଣାଞ୍ଚଳ ମହାମଣ୍ଡଳସ୍ତରୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ

ଗତ ତା ୧୯.୬.୨୦୨୨ରିଖ ରବିବାର ଦିନ ୧୧ଘଟିକା ସମୟରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଶାଖା କମିଟି ଗୃହରେ ଦକ୍ଷିଣାଞ୍ଚଳ ମହାମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଶାଖା ସଭାପତି ଇଂ. ସୁଦର୍ଶନ ଶତପଥୀଙ୍କର ଅଧକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ପ୍ରତିନିଧି ଭାବରେ ଓଡ଼ିଶାର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଓ ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ଯୋଗଦାନ କରିଥିଲେ । ଦକ୍ଷିଣାଞ୍ଚଳ ମହାମଣ୍ଡଳର ପୂର୍ବତନ ମହାମଣ୍ଡଳ ସମ୍ପାଦକ ତଥା ପ୍ଲାଟିନମ୍ ଜୁବୁଲି ପାଇଁ ମନୋନୀତ ଦକ୍ଷିଣାଞ୍ଚଳ ମହାମଣ୍ଡଳ ସଂଯୋଜକ ଇଂ. ବନବିହାରୀ ପଣ୍ଡା ମଧ୍ୟ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରିଥିଲେ ।

ଏହି ବୈଠକରେ ସାଧାରଣ ସମ୍ପାଦକ ନିଜ ବକ୍ତବ୍ୟରେ ଅନୁଷ୍ଠିତ ବୈଠକର ଉଦ୍ଦେଶ୍ୟ, ପ୍ଲାଟିନମ୍ ଜୁବୁଲି ଉତ୍ସବର ପ୍ରସ୍ତୁତି ଓ ଅଦ୍ୟାବଧି ବିଭିନ୍ନ ଶାଖା କମିଟିରେ ହୋଇଥିବା ଅଗ୍ରଗତି ବିଷୟରେ ଉଲ୍ଲେଖ କରି ଆଗାମୀ ଜୁଲାଇ ୨୩ ଓ ୨୪ ତାରିଖରେ ହେବାକୁ ଥିବା ମୁଖ୍ୟ ଉତ୍ସବର ବାର୍ତ୍ତା କିଭଳି ସମସ୍ତ ସଦସ୍ୟମାନଙ୍କ ନିକଟରେ ପହଞ୍ଚିବ ଓ ସମସ୍ତେ କିଭଳି ଏଥିରେ ଭାଗ ନେଇପାରିବେ ସେଥିପାଇଁ ସମସ୍ତଙ୍କୁ ବିଶେଷ ଅନୁରୋଧ କରିଥିଲେ । ପ୍ଲାଟିନମ୍ ଜୁବୁଲି ଉତ୍ସବର ଦେୟ ଟ.୫୦୦/- କିଭଳି ସଦସ୍ୟମାନେ ଦେବେ ସେଥିପ୍ରତି କର୍ମକର୍ତ୍ତାମାନେ ଗୁରୁତ୍ୱର ସହ ଚେଷ୍ଟା କରିବା ପାଇଁ ଅନୁରୋଧ କରିଥିଲେ । ସଂଘର ଏହି ଐତିହାସିକ ପ୍ଲାଟିନମ୍ ଜୁବୁଲି ଉତ୍ସବକୁ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା ଗୁରୁତ୍ୱର ସହିତ ନେଇ ନିଜର ପାରିବାରିକ ଉତ୍ସବ ଭାବରେ ଗ୍ରହଣ କରି ଏହାକୁ କିଭଳି ସର୍ବସଫଳ କରାଯାଇପାରିବ ସେଥିପାଇଁ ଆଗେଇ ଆସିବା ପାଇଁ ଅନୁରୋଧ କରିଥିଲେ । ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ନିଜ ବକ୍ତବ୍ୟରେ ସଂଘର ଦାବି, ସମସ୍ୟା ଗୁଡ଼ିକର ସାଂପ୍ରତିକ ସ୍ଥିତି ବିଷୟରେ ଆଲୋଚନା କରିବା ସହିତ ଆଗାମୀ ପ୍ଲାଟିନମ୍ ଜୁବୁଲି ଉତ୍ସବର ସଫଳତା ପାଇଁ ଅନୁରୋଧ କରିଥିଲେ । ୧୦୦ ବର୍ଷ ପୂର୍ତ୍ତୀରେ ସଂଘ ପାଳନ କରିବ ଶତବାର୍ଷିକୀ ଉତ୍ସବ । ହୁଏତ ସେ ସମୟରେ ଆମେ ଥିବା କି ନଥିବା ତେଣୁ ଆଜିର ଏହି ଉତ୍ସବକୁ ସମସ୍ତେ ସହଯୋଗ ଦେଇ ସର୍ବ ସଫଳ କରିବା ଓ ନିଜର ସ୍ମୃତିରେ ରଖିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

ଏଠାରେ ଉପସ୍ଥିତ ଦକ୍ଷିଣାଞ୍ଚଳ ମହାମଣ୍ଡଳ ସମ୍ପାଦକ ଇଂ. ରମାକାନ୍ତ ଦାସ ନିଜର ବକ୍ତବ୍ୟରେ ମହାମଣ୍ଡଳର ସମସ୍ତ ଶାଖା କମିଟିର ସଦସ୍ୟ ଆଗାମୀ ଉତ୍ସବରେ ଯୋଗଦାନ କରିବେ ମହାମଣ୍ଡଳର ସମସ୍ତ ଶାଖା ଏଥିରେ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ । ମହାମଣ୍ଡଳ ସଂଯୋଜକ ଇଂ. ବନ ବିହାରୀ ପଣ୍ଡା ନିଜ ବକ୍ତବ୍ୟରେ ଜୁବୁଲି ଉତ୍ସବରେ ସଦସ୍ୟମାନଙ୍କ ଯୋଗଦାନ ଓ ବ୍ଲକ ଗୁଡ଼ିକରେ ପହଞ୍ଚି ସେଠାରୁ କିଭଳି ପ୍ଲାଟିନମ୍ ଜୁବୁଲି ଉତ୍ସବ ଫଣ୍ଡ ଟ.୫୦୦/- ଅଧିକ ସଂଖ୍ୟାରେ ସଂଗ୍ରହ କରାଯିବ ତା'ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସମସ୍ତ ବିଷୟ ଆଲୋଚନା ପରେ ସମସ୍ତ ସଦସ୍ୟ ମିଳିତଭାବରେ ଏହାକୁ ଗ୍ରହଣ କରି ଆଗାମୀ ଉତ୍ସବକୁ ସର୍ବସଫଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶାଖା ସମ୍ପାଦକ ଇଂ. ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସଭା ଆୟୋଜନର ଦାୟିତ୍ୱ ନେଇଥିଲେ । ଏଥିରେ ପୂର୍ବତନ ଶାଖା ସଭାପତି ଇଂ. ସୁବାସ ଚନ୍ଦ୍ର ପାତ୍ରଙ୍କ ସମେତ ବିଭିନ୍ନ ଶାଖାର କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା ଯୋଗଦାନ କରିଥିଲେ । ଶେଷରେ ଧନ୍ୟବାଦ ପ୍ରସ୍ତାବ ସହ ସଭାସାଙ୍ଗ ହୋଇଥିଲା ।

# ଓଡ଼େଶାର ୭୮ତମ ପ୍ରତିଷ୍ଠା ଦିବସ ଓ ପ୍ଲାଟିନମ୍ ଜୁବୁଲି ସ୍ୱାଗତ ଉତ୍ସବ ସଂଘ ଭବନରେ ପାଳିତ

ଭୁବନେଶ୍ୱର, ତା ୧୨।୬ : ରାଜ୍ୟର ସର୍ବ ପୁରାତନ କର୍ମଚାରୀ ସେବାସଂଘ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘର ୭୮ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ୍ ଜୁବୁଲି ସ୍ୱାଗତ ଉତ୍ସବ ଖାରବେଳ ନଗରସ୍ଥ ସଂଘ ଭବନରେ ଜୁନ୍ ୧୧ ଓ ୧୨ ତାରିଖ ଦୁଇଦିନ ଧରି ପାଳିତ ହୋଇଛି । ପ୍ରଥମ ଦିନ ଓଡ଼େଶା ପରିବାରର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଡ୍ରଇଂ, କୁଇଜ୍, ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଉତ୍ସବରେ ବିଜ୍ଞାନ ଓ କାରିଗରୀ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା - ମୁଖ୍ୟ ଅତିଥି, ଢେଙ୍କାନାଳ ଲୋକସଭା ସାଂସଦ ଶ୍ରୀ ମହେଶ ସାହୁ - ସମ୍ମାନିତ ଅତିଥି, ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ, ମଧ୍ୟ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଉତ୍ତର ଭୁବନେଶ୍ୱର ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ - ପ୍ରମୁଖ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ଅବସରରେ ସଂଘର ମାସିକ ମୁଖପତ୍ରର ସ୍ୱତନ୍ତ୍ର ସଂକଳନ 'ମୁଖଶାଳା' ଉନ୍ମୋଚିତ ହୋଇଥିଲା । ସଂଘର ୭୮ତମ ପ୍ରତିଷ୍ଠା ଦିବସର ସ୍ୱତନ୍ତ୍ର ସ୍ମାରକୀକୁ ମୁଖ୍ୟ ଅତିଥି ଅନାବରଣ କରିଥିଲେ । ସଂଘର ପ୍ରତିଷ୍ଠା ଦିବସ ଉତ୍ସବ ପାଳନ ଅବସରରେ ଉପସ୍ଥିତ ମଞ୍ଚାସୀନ ଅତିଥିମାନଙ୍କୁ ଡିପ୍ଲୋମା ଇଂଜିନିୟର ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶେଷକରି ଭୁବନେଶ୍ୱର ମହାନଗର ନିଗମର ନବନିର୍ବାଚିତ ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କୁ ସଂଘର ସଦସ୍ୟାମାନେ ବହୁସଂଖ୍ୟାରେ ଉପସ୍ଥିତ ରହି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପୂର୍ବଦିନ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସଂଘର ଅବସରପ୍ରାପ୍ତ ପୂର୍ବତନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ପୂଜ୍ୟପୂଜା ପରମ୍ପରାକୁ ଉଜ୍ଜୀବିତ କରାଯାଇଥିଲା । ସଂଘର ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ବିବରଣୀ ପ୍ରଦାନ କରି ୧୯୪୪ ମସିହାରେ ପ୍ରତିଷ୍ଠିତ ସଂଘ ନିରବଚ୍ଛିନ୍ନ ଭାବରେ ଦୀର୍ଘ ୭୮ ବର୍ଷ କାର୍ଯ୍ୟକରି ୭୯ ବର୍ଷରେ ପ୍ରବେଶ କରିଥିବା କହିଥିଲେ । ରାଜ୍ୟର ସେବାରତ ଡିପ୍ଲୋମା ଇଂଜିନିୟରମାନଙ୍କ ଐତିହାସିକ ସଂଘ ଓଡ଼େଶା ଏହାର ସଦସ୍ୟସଦସ୍ୟାମାନଙ୍କୁ ସରକାରୀ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠା, ଆନ୍ତରିକତା, ସମୟାନୁବର୍ତ୍ତିତା ଓ ସ୍ୱଚ୍ଛତାର ସହ ନିର୍ବାହ କରିବାକୁ ସର୍ବଦା ଦିଗ୍‌ଦର୍ଶନ ଦେଇ ଆସୁଥିବା ସେ କହିଥିଲେ । ସଂଘର ଉପଦେଷ୍ଟା ଇଂ. ସଚିତ୍ର ମୋହନ ରାଉଳ ସ୍ୱାଗତ ଅଭିଭାଷଣ ଜରିଆରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଂଘର ବିଭିନ୍ନ ସାମାଜିକ ଓ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମର ଅବତାରଣା କରିଥିଲେ ।

ମୁଖ୍ୟ ଅତିଥି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ନିଜ ଅଭିଭାଷଣରେ ରାଜ୍ୟର ଭିତ୍ତିଭୂମି ନିର୍ମାଣରେ ଡିପ୍ଲୋମା ଇଂଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ କର୍ତ୍ତବ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ପାଳନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ରାଜ୍ୟ ତଥା ଦେଶର ପ୍ରଗତିରେ ଡିପ୍ଲୋମା ଇଂଜିନିୟରମାନଙ୍କର ଅବଦାନ ଅତୁଳନୀୟ ଓ ସେମାନଙ୍କର ସମର୍ପିତ କାର୍ଯ୍ୟ ଯୋଗୁଁ ଆମ ରାଜ୍ୟ ଆଜି ସବୁ କ୍ଷେତ୍ରରେ ଏକ ବଳକା ରାଜ୍ୟ ଭାବରେ ପରିଚିତ ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି, ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ ଡିପ୍ଲୋମା ଇଂଜିନିୟରମାନଙ୍କ ସଂଘୀୟ ମନୋଭାବକୁ ପ୍ରଶଂସା କରିବା ସହିତ ସଂଘ ପାଳନ କରୁଥିବା ପ୍ଲାଟିନମ୍ ଜୁବୁଲିର ସର୍ବ ସଫଳତା କାମନା କରିଥିଲେ । ଡିପ୍ଲୋମା ଇଂଜିନିୟରମାନଙ୍କ ବ୍ୟତିରେକେ ରାଜ୍ୟର ବିକାଶ ବିଷୟ ଚିନ୍ତା କରାଯାଇପାରିବ ନାହିଁ ବୋଲି ସେ କହିଥିଲେ । ଏହା ସହିତ ଡିପ୍ଲୋମା ଇଂଜିନିୟର ମାନଙ୍କର ଥିବା ସମସ୍ୟା ଓ ଦାବି ଗୁଡ଼ିକ ସରକାର ତୁରନ୍ତ ବିଚାର କରି ତାଙ୍କର ନାର୍ଯ୍ୟ ହକ୍‌କୁ ପ୍ରଦାନ କରିବା ନିମିତ୍ତ ଅତିଥିମାନଙ୍କ ଜରିଆରେ ସରକାରଙ୍କୁ ଅନୁରୋଧ କରିଥିଲେ । ଉତ୍ସବରେ ଅନ୍ୟତମ ସମ୍ମାନନୀୟ ଅତିଥି, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ୨୨ ବର୍ଷ ଧରି ରାଜ୍ୟର ଯେଉଁ ବିକାଶର ଧାରା ଆଗେଇ ଚାଲିଛି, ସେଥିରେ ଡିପ୍ଲୋମା ଇଂଜିନିୟରମାନେ କର୍ତ୍ତବ୍ୟ ପରାୟଣ

ହୋଇ ତୃଣମୂଳ ସ୍ତରରୁ ଏହାକୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅଧିକନ୍ତୁ ରାଜଧାନୀ ଭୁବନେଶ୍ୱର ସହରକୁ ଦେଶର ଏକ ନମ୍ବର ସହର ଭାବେ ଗଢ଼ି ତୋଳିବାକୁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ମଧ୍ୟ-ଭୁବନେଶ୍ୱର ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ନିଜ ଅଭିଭାଷଣରେ ଡିପ୍ଲୋମା ଇଂଜିନିୟରମାନଙ୍କର କର୍ତ୍ତବ୍ୟନିଷ୍ଠା ଓ ସଂଘରେ ଥିବା ଅନୁଶାସନକୁ ଭୂୟସୀ ପ୍ରଶଂସା କରିଥିଲେ ଓ ଯେଉଁ ପୂର୍ବସୂରୀମାନେ ଏହି ଶୃଙ୍ଖଳା ମନ୍ତ୍ର ଶିକ୍ଷା ଦେଇଛନ୍ତି ସେମାନଙ୍କୁ ନିଜର କୃତଜ୍ଞତା ଜଣାଇଥିଲେ । ଏଥିସହିତ ସେ ଡିପ୍ଲୋମା ଇଂଜିନିୟର ସଂଘର ଉତ୍ତରୋତ୍ତର ଉନ୍ନତି କାମନା ସହ ଅଧିକ ଶୃଙ୍ଖଳିତ ଓ କର୍ତ୍ତବ୍ୟ ପରାୟଣ ହୋଇ ଡିପ୍ଲୋମା ଇଂଜିନିୟରମାନେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି, ଉତ୍ତର-ଭୁବନେଶ୍ୱର ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ ଡିପ୍ଲୋମା ଇଂଜିନିୟରମାନେ ଅଧିକ ସଂଗଠିତ, ଶୃଙ୍ଖଳିତ ଓ ଉତ୍ସର୍ଗୀକୃତ ହୋଇ ଉଭୟ ସଂଘୀୟ କାର୍ଯ୍ୟ ଓ ସରକାରୀ କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠା, ଆନ୍ତରିକତା ଓ ସ୍ୱଚ୍ଛତାର ସହ ନିର୍ବାହ କରିବା ନିମିତ୍ତ ଆହ୍ୱାନ ଦେଇଥିଲେ । କାର୍ଯ୍ୟ କ୍ଷେତ୍ରରେ ଅଧିକ ସଂଖ୍ୟାରେ ମହିଳା ଡିପ୍ଲୋମା ଇଂଜିନିୟରମାନେ ଯୋଗ ଦେଇଥିବାରୁ ସେ ଏହାର ଉଚ୍ଚ ପ୍ରଶଂସା କରିଥିଲେ ।

ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ପ୍ରତିନିଧିମାନେ ଆସି ଯୋଗଦେଇଥିଲେ । ଶ୍ରୀ ମହାପାତ୍ର ଘୋଷଣା କରିଥିଲେ ଯେ ଆସନ୍ତା ଜୁଲାଇ ମାସ ୨୩ ଓ ୨୪ ତାରିଖ ଦୁଇଦିନ ଧରି ସଂଘର ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳିତ ହେବ । ଏଥିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓ ମହାମହିମ ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ୍ ଯୋଗଦାନ କରିବାକୁ ସଂଘ ତରଫରୁ ଅନୁରୋଧ କରାଯାଇଛି । ଏହି ଅବସରରେ ଏଠାରେ ସର୍ବଭାରତୀୟ ଡିପ୍ଲୋମା ଇଂଜିନିୟର ମହାସଂଘର ଏକ କାର୍ଯ୍ୟକାରିଣୀ ବୈଠକ ମଧ୍ୟ ଅନୁଷ୍ଠିତ ହେବ ଓ ଦେଶର ପ୍ରତ୍ୟେକ ରାଜ୍ୟରୁ ଡିପ୍ଲୋମା ଇଂଜିନିୟର ପ୍ରତିନିଧିମାନେ ଆସି ଏଥିରେ ଯୋଗଦେବେ ବୋଲି ପ୍ରକାଶ କରିଥିଲେ । ସଭା ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ମଞ୍ଚରେ ସ୍ଥାପିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଓ ଧୂପ ଦ୍ୱୀପ ପ୍ରଜ୍ୱଳନ କରି ପ୍ରତିଷ୍ଠା ଦିବସର ଶୁଭାରମ୍ଭ କରିଥିଲେ । ଏହାପରେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ କରାଯାଇଥିଲା ଓ ମଂଚାସୀନ ଅତିଥି ତଥା ନିମନ୍ତ୍ରିତ ପୂର୍ବତନ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଚ୍ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଉପସଭାପତି ଇଂ. ସୁଦର୍ଶନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଓ ଏହାପରେ ସଭା ସାଙ୍ଗ ହୋଇଥିଲା ।

| | |
|---|---|
| ସା/- | ସା/- |
| **ଇଂ. ଶ୍ରୀକାନ୍ତ ମହାପାତ୍ର** | **ଇଂ. ଶ୍ରୀଧର ବାରିକ** |
| ସଭାପତି, ଓଡ଼ିଶା | ସାଧାରଣ ସମ୍ପାଦକ, ଓଡ଼ିଶା |

# ପଞ୍ଚାୟତିରାଜ ବିଭାଗରେ ଅନୁଷ୍ଠିତ ପ୍ରଥମ ଅର୍ଦ୍ଧବାର୍ଷିକ ବୃତ୍ତିଗତ ପରୀକ୍ଷା ଫଳ ପ୍ରକାଶିତ

ଇତିମଧ୍ୟରେ ପଞ୍ଚାୟତିରାଜ ବିଭାଗରେ ୨୦୨୨ ମସିହା ପାଇଁ ଅନୁଷ୍ଠିତ ହୋଇଥିବା ପ୍ରଥମ ଅର୍ଦ୍ଧବାର୍ଷିକ ବୃତ୍ତିଗତ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ବିଭାଗୀୟ ବିଜ୍ଞପ୍ତି ସଂଖ୍ୟା ୧୧୯୭୫ ତା ୨.୭.୨୦୨୨ ରିଖ ମାଧ୍ୟମରେ ଏହି ପରୀକ୍ଷା ଫଳ ପ୍ରକାଶିତ ହୋଇଛି ଓ ଏଥିରେ ୬୯୩ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରକାଶଥାଉକି ଗତ ଜୁନ୍ ମାସ ପାଞ୍ଚ ତାରିଖରେ ଏହି ପରୀକ୍ଷାଟି ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ଅଧିକାରୀମାନଙ୍କ ତତ୍ପରତା ହେତୁ ଏହି ପରୀକ୍ଷା ଫଳଟି ସ୍ୱଳ୍ପ ସମୟ ମଧ୍ୟରେ ପ୍ରକାଶିତ ହୋଇପାରିଛି । ପରୀକ୍ଷା ଫଳଟି ପ୍ରକାଶିତ ପରେ ଏଠାରେ କାର୍ଯ୍ୟରତ ଡିପ୍ଲୋମା ଇଂଜିନିୟରମାନେ ଏଥିରେ ବହୁଳ ଭାବରେ ଉପକୃତ ହେବେ । ଏଥିନିମନ୍ତେ ସଂଘ ତରଫରୁ ବିଭାଗୀୟ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଯାଇଛି ।

# ପ୍ରତିଷ୍ଠା ଦିବସ ଉତ୍ସବରେ ଶୋଭା ବଢାଇଲେ ପୂର୍ବସୁରୀଗଣ

ନିର୍ଦ୍ଧାରିତ ସମୟ ଅନୁସାରେ ସଂଘର ୭୮ତମ ପ୍ରତିଷ୍ଠା ଦିବସ ଗତ ତା ୧୨.୦୬.୨୦୨୨ରିଖ ଦିନ ଓଡ଼ିଶା ଭବନସ୍ଥିତ ପ୍ଲାଟିନମ୍ ଜୁବୁଲି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା । ସକାଳ ୯ ଘଟିକା ଠାରୁ ଆରମ୍ଭ ହୋଇଥିଲା ନାମ ପଞ୍ଜୀକରଣ । ସଂଘ ପରିସରରେ ପହଞ୍ଚିଥିଲେ ଓଡ଼ିଶାର ସଦସ୍ୟସଦସ୍ୟା ଓ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେବାକୁ ଆସିଥିବା ଓଡ଼ିଶା ପରିବାରର ପିଲାମାନେ । ତତ୍ ସହିତ ଅନ୍ୟ ମୁଖ୍ୟ ଆକର୍ଷଣ ଥିଲେ ଦୀର୍ଘଦିନରୁ ଅବସର ଗ୍ରହଣ କରିଥିବା ସଂଘର ପୂର୍ବତନ କର୍ମକର୍ତ୍ତା ତଥା ସଂଘର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗୀବୃନ୍ଦ । ସଂଘ ପରିସରରେ ସେହି ପୂର୍ବଜମାନଙ୍କର ଉପସ୍ଥିତି ବର୍ତ୍ତମାନର କର୍ମକର୍ତ୍ତା ଓ ସଦସ୍ୟସଦସ୍ୟାମାନଙ୍କୁ କରିଥିଲା ଆକର୍ଷିତ ଓ ଉତ୍ସାହିତ । ସମସ୍ତେ ନିଜ ନିଜର ନାମ ପଞ୍ଜୀକରଣ କରିବା ସହିତ ସଂଘ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସଂଘ ତରଫରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା । ସମସ୍ତ ପୂର୍ବଜମାନଙ୍କ ସହିତ ବାର୍ତ୍ତାଳାପରୁ ଅନେକ ସଦସ୍ୟ ନିଜ ନିଜ ପାଇଁ ସାଉଁଟୁଥିଲେ ଅଭିଜ୍ଞତା ଓ ସଂଘୀୟ କାର୍ଯ୍ୟ କରିବାର ଶୈଳୀ । ତତ୍‌ସହିତ ଲାଭ କରୁଥିଲେ ସବୁ ଅଗ୍ରଜଙ୍କର ଆଶୀର୍ବାଦ । ବାସ୍ତବିକ ସବୁ ପୂର୍ବସୂରୀ ଆତ୍ମାମାନଙ୍କ ପାଇଁ ଚିର ନମସ୍ୟ । ଓଡ଼ିଶା ପ୍ରତି ସେମାନଙ୍କର ଅବଦାନ ଅତୁଳନୀୟ । ସେମାନଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା ଆଜି ପହଞ୍ଚିଛି ସଫଳତାର ଶିଖରରେ । ସେମାନଙ୍କୁ ସଂଘ ଭବନରେ ପାଇ ସମସ୍ତେ ହୋଇଥିଲେ ଆନନ୍ଦିତ ।

ପ୍ଲାଟିନମ୍ ଜୁବୁଲି ସମ୍ମିଳନୀ କକ୍ଷରେପ୍ରତିଷ୍ଠା ଦିବସ ଓ ପ୍ଲାଟିନମ୍ ଜୁବୁଲି ସମାରୋହ ଆରମ୍ଭ ହେବ ପୂର୍ବରୁ ସମସ୍ତ ପୂର୍ବତନ ସଦସ୍ୟ ଗୃହ ମଧ୍ୟରେ ସଂରକ୍ଷିତ ଥିବା ସ୍ୱତନ୍ତ୍ର ସ୍ଥାନ ଅଳଂକୃତ କରିଥିଲେ । ସଭାଗୃହରେ ସେମାନଙ୍କର ଉପସ୍ଥିତି ଗୃହର ଶୋଭାବର୍ଦ୍ଧନ କରିଥିଲା । ନିମନ୍ତ୍ରିତ ଅତିଥିମାନେ ମଧ୍ୟ ସମସ୍ତ ପୁରୁଣା କର୍ମକର୍ତ୍ତାମାନଙ୍କୁ ଦେଖି ସେମାନଙ୍କର ଗୁଣଗାନ କରିଥିଲେ । ଏହି ଉତ୍ସବ ଅବସରରେ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଚ୍ ଦେଇ ସ୍ୱାଗତ କରାଯାଇଥିଲା ଓ ଉପଢୌକନ (ଉତ୍ତରୀୟ) ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇଥିଲେ ସଂଘର ପୂର୍ବତନ ସଭାପତି ଇଂ. ସାରଦ ପ୍ରସାଦ ମହାନ୍ତି, ପୂର୍ବତନ ସଭାପତି ଓ ସାଧାରଣ ସମ୍ପାଦକ ଇଂ. ଦର୍ପନାରାୟଣ ଦାସ, ପୂର୍ବତନ ସଭାପତି ଇଂ. ଗୁଣନିଧି ତ୍ରିପାଠୀ, ପୂର୍ବତନ ସଭାପତି ଇଂ. ବ୍ରଜକିଶୋର ପଟ୍ଟନାୟକ, ପୂର୍ବତନ ସଭାପତି ଓ ସାଧାରଣ ସମ୍ପାଦକ ଇଂ. ଉଦୟନାଥ ମହାପାତ୍ର, ପୂର୍ବତନ ସଭାପତି ଇଂ. ରମେଶ ଚନ୍ଦ୍ର ମହାନ୍ତି, ପୂବତନ ସାଧାରଣ ସମ୍ପାଦକ ଇଂ. ଯଶୋବନ୍ତ ନାୟକ, ଇଂ. ବିଶ୍ୱନାଥ ପଣ୍ଡା, ଇଂ. ବନ ବିହାରୀ ପଣ୍ଡା, ଇଂ. ନରହରି ଷଡ଼ଙ୍ଗୀ, ଇଂ. ଧରଣୀଧର ଜେନା, ଇଂ. ପଞ୍ଚାନନ ଦାଶ, ଇଂ. ଦୁର୍ଗାପ୍ରସାଦ ଦ୍ୱିବେଦୀ, ଇଂ.ହୃଷିକେଶ ସାହୁ, ଇଂ. ସନ୍ତୋଷ କୁମାର ଦାସ, ଇଂ. ବିଜୟ କୁମାର ସେନାପତି, ଓଂ. ସୀମର ପାଣି ଓ ଅନ୍ୟମାନେ । କର୍ମକର୍ତ୍ତାମାନଙ୍କର ପ୍ରତିଷ୍ଠା ଦିବସ ସମାବେଶର ପରିକଳ୍ପନା ପାଇଁ ପୂର୍ବଜମାନେ କର୍ମକର୍ତ୍ତାମାନଙ୍କୁ ସାଧୁବାଦ୍ ଜଣାଇଥିଲେ । ତତ୍‌ସହିତ ଏହି ପରମ୍ପରାଟିକୁ ଆଗାମୀ ଦିନରେ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ ।

ଏତଦ୍‌ଭିନ୍ନ ଆମ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଇଂ. ଅଜିତ୍ କୁମାର ପ୍ରଧାନ ଓ ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ ଇଂ. ବାସୁଦେବ ଶତପଥୀ ମଧ୍ୟ ଅତିଥି ଭାବରେ ଏହି ଉତ୍ସବରେ ଯୋଗଦେଇଥିଲେ ଓ ସେମାନଙ୍କୁ ମଧ୍ୟ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସଂଘର କର୍ମକର୍ତ୍ତାମାନଙ୍କର ଶୃଙ୍ଖଳା, କାର୍ଯ୍ୟଶୈଳୀ, ଭାତୃପ୍ରେମ ଓ ଆତିଥ୍ୟ ପାଇଁ ପୂର୍ବଜମାନେ କର୍ମକର୍ତ୍ତାମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ସମସ୍ତେ ଆଗାମୀ ଜୁଲାଇ ୨୩ ଓ ୨୪ ତାରିଖରେ ପାଳିତ ହେବାକୁ ଥିବା ପ୍ଲାଟିନମ୍ ଜୁମୁଲି ଉତ୍ସବର ସଫଳତା କାମନା କରିଥିଲେ । ଏ ସମସ୍ତ କାର୍ଯ୍ୟର ସଫଳତା ପଛରେ ରହିଥିଲା ସରକାରୀ ଚାକିରୀରୁ ଦୀର୍ଘ ଦିନ ଧରି ଅବସର ଗ୍ରହଣ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସମସ୍ତ ସଂଘୀୟ କାର୍ଯ୍ୟରେ ମାର୍ଗନିର୍ଦ୍ଦେଶ ଦେଉଥିବା ପୂର୍ବତନ ସଭାପତି ଇଂ. ରମେଶ ଚନ୍ଦ୍ର ମହାନ୍ତିଙ୍କର ଅକୁଣ୍ଠ ସହଯୋଗ । ଏହି ଅବସରରେ ତାଙ୍କୁ ସଂଘ ତରଫରୁ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗାମୀ ଜୁଲାଇ ୨୩ ଓ ୨୪ ତାରିଖରେ ହେବାକୁ ଥିବା ପ୍ଲାଟିନମ୍ ଜୁବୁଲି ଉତ୍ସବରେ ସମସ୍ତ ସଦସ୍ୟସଦସ୍ୟା ତଥା ଅବସରପ୍ରାପ୍ତ ସଦସ୍ୟସଦସ୍ୟା ବହୁଳ ସଂଖ୍ୟାରେ ଯୋଗଦେବେ ବୋଲି ଆଶା ପ୍ରକଟ କରାଯାଇଛି ।

# ଦୀର୍ଘ ଦୁଇ ବର୍ଷ ପରେ ଓଡ଼ିଶା ଭବନ ପରିସରରେ ଆରମ୍ଭ ହେଲା ବନ୍ଧୁମିଳନ ଓ ହସ ଖୁସିର ଆସର

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଂଘ ଭବନ ପରିସରରେ ୭୮ତମ ପ୍ରତିଷ୍ଠା ଦିବସ ଓ ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ ଗତ ତା ୧୧.୦୬.୨୦୨୨ରିଖ ଦିନ ଆରମ୍ଭ ହୋଇଥିଲା ଓ ଏହାର ମୁଖ୍ୟ ଉତ୍ସବ ତା ୧୨.୦୬.୨୦୨୨ରିଖ ଦିନ ପ୍ଲାଟିନମ୍ ଜୁବୁଲି ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିଲା । କରୋନା ଦ୍ୱାରା ପ୍ରଭାବିତ ହୋଇ ଗତ ଦୁଇ ବର୍ଷରୁ ଅଧିକ ସମୟ ଧରି ସଂଘ ଭବନରେ କୌଣସି ପ୍ରକାରର ଉତ୍ସବ ବା ଜନସମାବେଶ ଆୟୋଜନ କରିବା ସମ୍ଭବ ହୋଇନଥିଲା । ତତ୍‌ସହିତ ପାରମ୍ପରିକ ରୀତିରେ ପୂର୍ବରୁ ଅନୁଷ୍ଠିତ ହେଉଥିବା ବନ୍ଧୁମିଳନ ମଧ୍ୟ ସମ୍ଭବ ନଥିଲା । ମାତ୍ର ବର୍ତ୍ତମାନ କରୋନା ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଥିବାରୁ ଆଗାମୀ ପ୍ଲାଟିନମ୍ ଜୁବୁଲି ଉତ୍ସବ ପୂର୍ବରୁ ଏହି ଯେଉଁ କାର୍ଯ୍ୟଟି ହାତକୁ ନିଆଯାଇଥିଲା, ତାହା ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟାଇ ସଦସ୍ୟ ସଦସ୍ୟା ଓ ସେମାନଙ୍କର କୁନିକୁନି ପିଲାମାନେ ଛୁଟି ଆସିଥିଲେ ସଂଘ ଭବନ ପରିସର ମଧ୍ୟକୁ । ତତ୍ ସହିତ ନିମନ୍ତ୍ରିତ ସମସ୍ତ ଅତିଥି ଓ ପୂର୍ବତନ ଅବସରପ୍ରାପ୍ତ ସଦସ୍ୟଙ୍କ ସମେତ ପୂର୍ବତନ କର୍ମକର୍ତ୍ତାମାନେ ମଧ୍ୟ ଏହି ଉତ୍ସବରେ ଯୋଗଦେବାର ପ୍ରତିଶ୍ରୁତି ଦେଇଥିଲେ ଓ ସମସ୍ତେ ଉଭୟ ୧୧ ଓ ୧୨ ତାରିଖ ଦୁଇଦିନ ଉପସ୍ଥିତ ରହି ଏହି ଉତ୍ସବକୁ ଉପଭୋଗ କରିବା ନିମିତ୍ତ ଆଗେଇ ଆସିଥିଲେ । ୧୧ ତାରିଖ ସକାଳୁ ସଂଘ ପରିସରରେ ଆରମ୍ଭ ହୋଇଥିଲା ନାମ ପଞ୍ଜିକରଣ । ଓଡ଼ିଶା ପରିବାରର ସଦସ୍ୟମାନେ ନିଜ ନିଜର ପିଲାମାନଙ୍କୁ ଆଣି ନାମ ପଞ୍ଜିକରଣ କରିଥିଲେ । ତା'ପରେ ପିଲାମାନେ ବିଭିନ୍ନ ବର୍ଗର ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । କୁଇଜ୍, ଡ୍ରଇଂ, ନୃତ୍ୟ ଓ ଗୀତ ଏହିପରି ଚାରିଗୋଟି ବିଭାଗରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପିଲାମାନଙ୍କ ମଧ୍ୟରେ ଏଥିପାଇଁ ଥିଲା ଅନେକ ଉତ୍କଣ୍ଠା ଓ ସମସ୍ତେ ନିଜ ନିଜର କମାଲ୍ ଦେଖାଇବା ପାଇଁ ଲାଗି ପଡ଼ିଥିଲେ । ବିଶେଷକରି କୁନିକୁନି ପିଲାମାନଙ୍କର ନୃତ୍ୟଗୀତ ଉପସ୍ଥିତ ଦର୍ଶକମାନଙ୍କ ମନକୁ ବେଶ୍ ଛୁଇଁଥିଲା । ଏ ସମସ୍ତ ପ୍ରତିଯୋଗିତାକୁ ମୂଲ୍ୟାୟନ କରିଥିଲେ ଉପସ୍ଥିତ ଜୁରୀବୃନ୍ଦ ।

ଏହି ପ୍ରତିଷ୍ଠା ଦିବସ ଓ ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ ଉତ୍ସବରେ ରାଜ୍ୟର ବିଭିନ୍ନ ଶାଖା କମିଟିରୁ ସଦସ୍ୟସଦସ୍ୟାମାନେ ନିଜର ପିଲାମାନଙ୍କୁ ଧରି ଯୋଗ ଦେଇଥିଲେ । ଯାହାଥିଲା ଏକ ଅନନ୍ୟ ଅନୁଭୂତି । ଭୁବନେଶ୍ୱର ବାହାର ଶାଖାରୁ ଆସିଥିବା ପିଲା ଓ ଅଭିଭାବକମାନଙ୍କ ନିମିତ୍ତ ସଂଘ ପରିସରରେ ରହିବାର ବ୍ୟବସ୍ଥା ମଧ୍ୟ ହୋଇଥିଲା ଓ ସଂଘ ଭବନରେ ରହି ସେମାନେ ନିଜ ନିଜର ଖୁସିବ୍ୟକ୍ତ କରିଥିଲେ । ଏହି ଉତ୍ସବକୁ ଆହୁରି ଆକର୍ଷିତ ଓ ସ୍ମରଣୀୟ କରିଥିଲା ସଂଘର ଅବସର ପ୍ରାପ୍ତ ସଦସ୍ୟ ଓ ପୂର୍ବତନ କର୍ମକର୍ତ୍ତାମାନଙ୍କର ଉପସ୍ଥିତି । ସକାଳ ୧୦ ଘଟିକାଠାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଏହି ସମାବେଶଟି ଲାଗି ରହିଥିଲା । ସନ୍ଧ୍ୟା ସମୟରେ ଓଡ଼ିଶା ଭବନଟି ବିଭିନ୍ନ ରଙ୍ଗର ଆଲୋକମାଳାରେ ସଜେଇ ହୋଇ ସୃଷ୍ଟି କରିଥିଲା ଏକ ଆକର୍ଷଣୀୟ ଓ ମନମୁଗ୍ଧକର ପରିବେଶ ।

ଏହିଭଳି ଏକ ସମାବେଶରେ ଏକତ୍ରିତ ହୋଇଥିବା ଓଡ଼ିଶା ପରିବାରର ସଦସ୍ୟସଦସ୍ୟାମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ଭାବ ବିନିମୟ ଥିଲା ଅନ୍ୟ ଏକ ଆକର୍ଷଣ । ସେ ଯାହା ହେଉ ଏହି କାର୍ଯ୍ୟକ୍ରମ ଆଗାମୀ ଦିନ ପାଇଁ ଏକ ନୂତନ ଉଦାହରଣ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ । ସୂଚନାଯୋଗ୍ୟ ୧୨ ତାରିଖରେ ଅନୁଷ୍ଠିତ ଉତ୍ସବ ଅବସରରେ ସମସ୍ତ ପ୍ରତିଯୋଗୀମାନଙ୍କୁ ସଂଘ ତରଫରୁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଅତିଥିମାନଙ୍କଠାରୁ ସାର୍ଟିଫିକେଟ୍ ଓ ଟ୍ରଫି ଗ୍ରହଣ ପାଇଁ ପିଲାମାନଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଥିଲା ଓ ସମସ୍ତେ ଉତ୍ସାହିତ ହୋଇ ତାହା ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ଗୁଡ଼ିକରେ ବିଜୟଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ଆଗାମୀ ପ୍ଲାଟିନମ୍ ଜୁବୁଲି ମୁଖ୍ୟ ଉତ୍ସବରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି । ପରବର୍ତ୍ତୀ ସମୟରେ ବିଜୟୀ ପ୍ରତିଯୋଗୀମାନଙ୍କର ନାମ ପ୍ରକାଶିତ ହେବା ସହିତ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଯୋଗାଯୋଗ କରାଯିବ ବୋଲି ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି ।

# ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ୭୮ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ ଅବସରରେ ଉପସ୍ଥାପିତ

## ସାଧାରଣ ସମ୍ପାଦକଙ୍କ ବିବରଣୀ

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘର ୭୮ତମ ପ୍ରତିଷ୍ଠା ଉତ୍ସବ ତଥା ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହର ଅଧ୍ୟକ୍ଷ ମହୋଦୟ,

ଆଜିର ଉତ୍ସବର ମୁଖ୍ୟ ଅତିଥି, ମୁଖ୍ୟ ଆକର୍ଷଣ, ବିଜ୍ଞାନ ଓ କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକଚନ୍ଦ୍ର ପଣ୍ଡା ମହୋଦୟ,

ଆମ ଗହଣରେ ଉପସ୍ଥିତ ଉତ୍ସବର ସମ୍ମାନିତ ଅତିଥି, ମାନ୍ୟବର ଢେଙ୍କାନାଳ ଲୋକସଭା ସାଂସଦ, ଶ୍ରୀଯୁକ୍ତ ମହେଶ ସାହୁ ମହୋଦୟ,

ଆମ ଗହଣରେ ଉପସ୍ଥିତ ଆଜିର ସମ୍ମାନିତ ଅତିଥି, ଭୁବନେଶ୍ୱର ମହାନଗର ନିଗମର ମାନ୍ୟବର ମେୟର, ଶ୍ରୀମତୀ ସୁଲୋଚନା ଦାସ ମହୋଦୟା,

ଆମ ଗହଣରେ ଉପସ୍ଥିତ ଆଜିର ଉତ୍ସବର ସମ୍ମାନନୀୟ ଅତିଥି, ମଧ୍ୟ ଭୁବନେଶ୍ୱର ନିର୍ବାଚନ ମଣ୍ଡଳିର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ମହୋଦୟ,

ମଞ୍ଚରେ ଉପସ୍ଥିତ, ଉତ୍ସବର ଅନ୍ୟତମ ସମ୍ମାନନୀୟ ଅତିଥି, ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳିର ମାନ୍ୟବର ବିଧାୟକ, ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ ମହୋଦୟ,

ମଞ୍ଚରେ ଉପସ୍ଥିତ ମୋର ସାଥୀ ଓଡ଼େଶାର କେନ୍ଦ୍ରୀୟ କାର୍ଯ୍ୟକାରିଣୀର କର୍ମକର୍ତ୍ତାବୃନ୍ଦ,

ଗୃହରେ ଉପସ୍ଥିତ ଆମ ସଂଘର ଅବସରପ୍ରାପ୍ତ ପୂର୍ବତନ କର୍ମକର୍ତ୍ତା ଏବଂ ସଦସ୍ୟବୃନ୍ଦ,

ବିଭିନ୍ନ ଗଣମାଧ୍ୟମର ବିଜ୍ଞ ପ୍ରତିନିଧିବୃନ୍ଦ,

ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼େଶା ପରିବାରର ଶ୍ରଦ୍ଧେୟ ଛାତ୍ରଛାତ୍ରୀବୃନ୍ଦ,

ନିମନ୍ତ୍ରିତ ଅଭିଭାବକ ତଥା ଅତିଥିବୃନ୍ଦ,

ଓଡ଼େଶାର ମହାମଣ୍ଡଳ, ଅତିରିକ୍ତ ମହାମଣ୍ଡଳ, ଶାଖା, ଉପଶାଖା, ବ୍ଲକ୍ କମିଟିର କର୍ମକର୍ତ୍ତାବୃନ୍ଦ,

ସର୍ବୋପରି ସଂଘର ଆହ୍ୱାନକ୍ରମେ ଗୃହରେ ଉପସ୍ଥିତ ଥିବା ମୋର ପ୍ରିୟ ଡିପ୍ଲୋମା ଇଂଜିନିୟର ଭାଇ ଓ ଭଉଣୀମାନେ,

ସଂଘର ଉପଦେଷ୍ଟାଙ୍କ ସହ ସାମିଲ୍ ହୋଇ ଆପଣମାନଙ୍କୁ ସମସ୍ତଙ୍କୁ ପୁନର୍ବାର ସ୍ୱାଗତ ଜଣାଉଛି, ଅଭିନନ୍ଦନ ଜଣାଉଛି।

ଆଜି ରାଜ୍ୟର ଆଠ ହଜାର ସେବାରତ ଓ ଦୁଇ ହଜାର ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟରମାନଙ୍କ ନିମିତ୍ତ ଏକ ଐତିହାସିକ ଦିନ, ସ୍ମରଣୀୟ ଦିନ। ୧୯୪୪ ମସିହାରେ ଗଠିତ ଆମ ପ୍ରିୟ ସଂଘ 'ଓଡ଼େଶା' ନିଜର ୭୮ ବର୍ଷ କାର୍ଯ୍ୟକାଳ ପୂର୍ଣ୍ଣ କରି ଆଜି ୭୯ ବର୍ଷରେ ପଦାର୍ପଣ କରିଛି। ବିଗତ ୭୮ ବର୍ଷର ନୀରବଚ୍ଛିନ୍ନ କାର୍ଯ୍ୟଧାରା ହେଉଛି, ଏହି ଐତିହାସିକ ସଂଘର ସଫଳତା, ଯାହା ଅନ୍ୟ ସେବା ସଂଘଠାରୁ ନିଜର ସ୍ୱାତନ୍ତ୍ର୍ୟକୁ ପ୍ରମାଣିତ କରିଥାଏ। ସଂଘର ଜନ୍ମ, ତତ୍କାଳୀନ ପରାଧୀନ ଓଡ଼ିଶାର ରାଜଧାନୀ କଟକରେ। ଆରମ୍ଭରେ ମାତ୍ର ଦୁଇ ଶହ ସଦସ୍ୟଙ୍କୁ ନେଇ ନିଜର ସଂଗଠନ ଆରମ୍ଭ କରିଥିଲା ଆମ ସଂଘ। ପରବର୍ତ୍ତୀ ସମୟରେ ଦେଶ ସ୍ୱାଧୀନ ହେବାପରେ ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱରକୁ ସଂଘର ମୁଖ୍ୟ କାର୍ଯ୍ୟାଳୟ ସ୍ଥାନାନ୍ତରିତ ହୋଇଛି। ରାଜ୍ୟରେ ଡିପ୍ଲୋମା ଇଂଜିନିୟରମାନଙ୍କର ନିଯୁକ୍ତି ବୃଦ୍ଧି ପାଇଛି, ବିଭାଗ ସଂଖ୍ୟା ବୃଦ୍ଧି ପାଇଛି ଓ ତଦନୁଯାୟୀ ପଦବୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୭୮ ବର୍ଷ ତଳର ଦୁଇଶହ ସଂଖ୍ୟା ବିଶିଷ୍ଟ ସଂଗଠନର ଆଜିର ଦିନରେ ସଦସ୍ୟ ସଂଖ୍ୟା ଆଠ ହଜାରକୁ ବୃଦ୍ଧି ପାଇଛି। ଆଜିର ଏଇ ସ୍ମରଣୀୟ ଦିବସରେ ଯାହାଙ୍କ ସ୍ମୃତି ଅଧିକ ସ୍ମରଣକୁ ଆସେ, ଓଡ଼ିଶାରେ ଡିପ୍ଲୋମା ଇଂଜିନିୟରର ଶିକ୍ଷାର ଉନ୍ନତି ତଥା ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଯିଏ ସ୍ୱପ୍ନ ଦେଖିଥିଲେ ଓ ସ୍ୱପ୍ନକୁ ସରକାରୀ ସ୍ତରରେ ରୂପାୟନ ନିମିତ୍ତ ଉଦ୍ୟମ କରିଥିଲେ, ସେ ହେଉଛନ୍ତି ଓଡ଼ିଶାର ପ୍ରବାଦ ପୁରୁଷ,

ଚାରିକୋଟି ଓଡ଼ିଆଙ୍କ ମଉଡ଼ମଣି ସ୍ୱର୍ଗତ ବିଜୁ ପଟ୍ଟନାୟକ। ଆଜି ସଂଘର ୭୮ତମ ପ୍ରତିଷ୍ଠା ଦିବସ ଅବସରରେ ସଂଘ ତରଫରୁ ସେଇ ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି, କୃତଜ୍ଞତା ଜଣାଉଛି।

ଏଇ ଅବସରରେ ସ୍ମୃତିକୁ ଆସନ୍ତି ଆମ ସଂଘର ପୂର୍ବଜଗଣ, ଯେଉଁମାନେ ୭୮ ବର୍ଷ ତଳେ ସଂଘକୁ ଗଢ଼ିଥିଲେ। ସଂଘର ସଦସ୍ୟମାନଙ୍କୁ ସମାଜରେ ସଗର୍ବେ ମୁଣ୍ଡଟେକି ବାଟ ଚାଲିବାର ପ୍ରେରଣା, ସରକାରୀ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠା, ଆନ୍ତରିକତା ଓ ସ୍ୱଚ୍ଛତାର ସହ ନିର୍ବାହ କରିବାର ଦିଗ୍‌ଦର୍ଶନ ଏବଂ ଡିପ୍ଲୋମା ଇଂଜିନିୟରମାନଙ୍କ ନ୍ୟାଯ୍ୟ ହକ୍‌କୁ ସରକାରଙ୍କ ନିକଟରେ ସାହସର ସହିତ ଉପସ୍ଥାପିତ କରିବାର କର୍ମ କୌଶଳ ହେଉଛି ସେହିମାନଙ୍କ ଶିକ୍ଷା, ଯାହାକୁ ଦୀର୍ଘ ୭୮ ବର୍ଷ ଧରି ପିଢ଼ୀ ପରେ ପିଢ଼ୀ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଆଜି ପର୍ଯ୍ୟନ୍ତ ପାଳନ କରିଚାଲିଛନ୍ତି। ଏଇ ଅବସରରେ ସଂଘର ସ୍ୱର୍ଗତଃ ପ୍ରତିଷ୍ଠାତାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଉଛି, ସେମାନଙ୍କ ଆଶୀର୍ବାଦ କାମନା କରୁଛି।

ରାଜ୍ୟର ଅନ୍ୟତମ ସର୍ବପୁରାତନ ସ୍ୱୀକୃତିପ୍ରାପ୍ତ ସେବାସଂଘ 'ଓଡ଼େଶା'ର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଏବଂ ଏହାର ସାଙ୍ଗଠନିକ ସ୍ଥିତି ୧୧ଟି ମହାମଣ୍ଡଳ, ୩୦ଟି ଅତିରିକ୍ତ ମହାମଣ୍ଡଳ, ୪୬ଟି ସାଙ୍ଗଠନିକ ଜିଲ୍ଲା ବା ଶାଖା, ଉପଶାଖା ସମେତ ୩୧୪ଟି ବ୍ଲକ୍ କମିଟି ପର୍ଯ୍ୟନ୍ତ ପରିବ୍ୟାପ୍ତ। ରାଜ୍ୟ ସରକାରଙ୍କ ଗୃହ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଓ ନିୟନ୍ତ୍ରିତ ନୀତି ନିୟମ ଆଧାରରେ ଦୀର୍ଘ ୭୮ ବର୍ଷ ଧରି ପରିଚାଳିତ ଆମ ସଂଘ ଓଡ଼େଶା ଏକ ଶୃଙ୍ଖଳିତ ସଂଘ ଭାବରେ ବେଶ୍ ପରିଚିତ।

ରାଜ୍ୟର ସର୍ବ ପୁରାତନ ସକ୍ରିୟ ସେବାସଂଘ ଭାବରେ ଓଡ଼େଶା ଅନ୍ୟ ସେବା ସଂଗଠନମାନଙ୍କ ଭଳି କେବଳ ସଦସ୍ୟ ସଦସ୍ୟାମାନଙ୍କ ଦାବି ଓ ସମସ୍ୟା ଭିତରେ ନିଜକୁ ବାନ୍ଧି ରଖିନାହିଁ। ରାଜ୍ୟ ବିକାଶର ଆଦ୍ୟ ବିନ୍ଧାଣି, ଭିତ୍ତିଭୂମି ନିର୍ମାଣରେ ତୃଣମୂଳ ସ୍ତରରେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି କାର୍ଯ୍ୟ କରୁଥିବା ଡିପ୍ଲୋମା ଇଂଜିନିୟରମାନେ ସରକାରୀ ଦାୟିତ୍ୱ ଓ କର୍ତ୍ତବ୍ୟକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିଥାନ୍ତି। ରାଜଧାନୀ ଭୁବନେଶ୍ୱରରୁ ଅଗମ୍ୟ ସ୍ୱାଭିମାନ ଅଞ୍ଚଳ ଯାଏ ଭିତ୍ତିଭୂମି ନିର୍ମାଣର ପ୍ରଥମ ସରକାରୀ କର୍ମଚାରୀ ହେଉଛନ୍ତି ଡିପ୍ଲୋମା ଇଂଜିନିୟର, ଯେଉଁମାନେ ସିଧାସଳଖ ଭାବରେ ସାଧାରଣ ଜନତାଙ୍କ ସମ୍ପର୍କରେ ଆସିଥାନ୍ତି।

ସାଧାରଣ ଜନତାଙ୍କ ସୁଖଦୁଃଖରେ ଭାଗୀଦାର ହେବାପାଇଁ ଆମ ସଂଘ ଏହାର ସଦସ୍ୟମାନଙ୍କୁ ପ୍ରେରଣା ଯୋଗାଇବା ସହ କିଛି ସାମାଜିକ କାର୍ଯ୍ୟକ୍ରମ ମଧ୍ୟ କରିଥାଏ। ବନ୍ୟା, ବାତ୍ୟା ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ସଂଘ ଯାଇ ତତ୍କାଳ ରିଲିଫ୍ ବଣ୍ଟନ କରେ। ବ୍ଲଡ୍ ଡୋନେସନ୍ କ୍ୟାମ୍ପ୍ କରି ସାଧାରଣ ଜନତାଙ୍କ ଚାହିଦା ମେଣ୍ଟାଇବାକୁ ରକ୍ତ ସଂଗ୍ରହ କରିଥାଏ। ବନୀକରଣ ନିମିତ୍ତ ଚାରା ରୋପଣ ଓ ଚାରା ବଣ୍ଟନ କରିଥାଏ। ଗ୍ରୀଷ୍ମର ନିଦାଘ ସମୟରେ ଜଳଛତ୍ରର ଆୟୋଜନ କରିଥାଏ। ଏତଦ୍‌ଭିନ୍ନ ଭୁବନେଶ୍ୱର ୬ ନମ୍ବର ମୁଖ୍ୟ ଡାକ୍ତରଖାନା ପରିସରରେ ଆମ ସଂଘ ନିଜସ୍ୱ ଖର୍ଚ୍ଚରେ ଏକ ସ୍ୱୟଂସମ୍ପୂର୍ଣ୍ଣ କ୍ୟାବିନ୍ ନିର୍ମାଣ କରି ସାଧାରଣ ଜନତାଙ୍କ ଉପଯୋଗ ଲାଗି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। କଟକସ୍ଥ ଶିଶୁଭବନରେ ଅସୁସ୍ଥ ଶିଶୁମାନଙ୍କ ଆବଶ୍ୟକ ନିମିତ୍ତ ଏକ ସ୍ୱଚ୍ଛ ପାନୀୟ ଜଳ ମେସିନ୍ ସଂଘ ତରଫରୁ ସ୍ଥାପିତ ହୋଇଛି। ଅଧିକନ୍ତୁ - ବିଭିନ୍ନ ସମୟରେ ଜନସାଧାରଣଙ୍କୁ ସାହାଯ୍ୟ କରିବା ନିମିତ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସଂଘ ନିୟମିତ ଦାନ କରିଆସୁଛି। ଗତ କୋଭିଡ୍ ସମୟରେ ସାଧାରଣ ଜନତାଙ୍କ ସେବା ନିମିତ୍ତ ସଂଘ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ୩୨ ଲକ୍ଷ ଟଙ୍କାର ଅନୁଦାନ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛି। ଆମେ ସମାଜର ଏକ ଅଙ୍ଗ। ଆମେ ରାଜ୍ୟ ସରକାରଙ୍କ ପ୍ରଶାସନର ଏକ ଅଂଶ, ସମାଜରୁ ପ୍ରଶାସନରୁ ଆମେ ଭିନ୍ନ ନୋହୁ, ଏହାକୁ ଆମ ସଂଘ ସର୍ବଦା ପ୍ରମାଣିତ କରିଆସିଛି।

ସଂଘ ନିଜ ସଦସ୍ୟମାନଙ୍କ ବୈଷୟିକ ଜ୍ଞାନବୃଦ୍ଧି ନିମିତ୍ତ ୧୯୭୪ ମସିହାରୁ ପ୍ରଥମେ କିଛି ବର୍ଷ ଦ୍ୱିମାସିକ ଓ ପରେ ମାସିକ ମୁଖପତ୍ର ପ୍ରକାଶ କରିଆସୁଛି, ଯେଉଁଥିରେ ବୈଷୟିକ ପ୍ରବନ୍ଧ ଓ କ୍ଷେତ୍ର ଉପରେ ଆବଶ୍ୟକ ଇଂଜିନିୟରିଂ ଡାଟାମାନ ପ୍ରକାଶ ପାଇଥାଏ। ଅଧିକନ୍ତୁ - ଏହା ଆମ ମାତୃଭାଷା ଓଡ଼ିଆକୁ ସମୃଦ୍ଧ କରିବା ନିମିତ୍ତ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛି। ଅନେକ ଲେଖକ, କବି, ନାଟ୍ୟକାର, ପ୍ରାବନ୍ଧିକ ସୃଷ୍ଟି କରିବାରେ ଆମ ସଂଘ ମୁଖପତ୍ର ଗୁଣ୍ଡୁଚିମୂଷାର ଦାୟିତ୍ୱ ବହନ କରି ଆସୁଛି। ଆଜିର ସ୍ମରଣୀୟ ଦିନରେ ସ୍ମୃତିକୁ ଆସନ୍ତି ବିଶିଷ୍ଟ ନାଟ୍ୟକର, ଓଡ଼ିଶାର ଅନ୍ୟତମ କୃତୀ ସନ୍ତାନ ସ୍ୱର୍ଗତ ଇଂ ବିଜୟ ମିଶ୍ର, ଯିଏ ଥିଲେ ସଂଘ ମୁଖପତ୍ରର ଏକଦା ସମ୍ପାଦକ। ଆଜିର ସ୍ମରଣୀୟ ଦିନରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ଏତଦ୍‌ଭିନ୍ନ ସଂଘ ୧୯୭୪ ମସିହାରୁ ନିୟମିତ ଭାବରେ ବୈଷୟିକ ତଥ୍ୟ ସମ୍ବଳିତ ସଂଘ ଡାଇରୀ ପ୍ରତିବର୍ଷ ପ୍ରକାଶ କରିଆସୁଛି, ଯାହା କ୍ଷେତ୍ର ଉପରେ ତତ୍କାଳ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହୋଇଥାଏ।

ସଂଘର ପ୍ରତିବର୍ଷ ବାର୍ଷିକ ସମ୍ମିଳନୀ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥାଏ। ଗୋଟିଏ ମଞ୍ଚରେ ସରକାର ଓ କର୍ମଚାରୀମାନେ ଉପଲବ୍ଧ ହେବାର ଅବସର ସୃଷ୍ଟି ହୋଇଥାଏ ଏବଂ ଯାହାକିଛି ସମସ୍ୟା ବା ଦାବି ଥାଏ, ଖୋଲାଖୋଲି ଆଲୋଚନା ହେବାର ଏକ

ସୁଯୋଗ ସୃଷ୍ଟି ହୋଇଥାଏ । କେତେକ ଅନିବାର୍ଯ୍ୟ କାରଣ ହେତୁ ଦୁଇବର୍ଷ ସମ୍ମିଳନୀ ହୋଇପାରିନାହିଁ । ବିଗତ ଅଠସ୍ତରି ବର୍ଷ ଭିତରେ ୭୬ଟି ବାର୍ଷିକ ସମ୍ମିଳନୀ ନିୟମିତ ଭାବରେ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ମାନ୍ୟବର ମୁଖ୍ୟମନ୍ତ୍ରୀଗଣ, ବିଭିନ୍ନ ବିଭାଗର ମାନ୍ୟବର ମନ୍ତ୍ରୀବୃନ୍ଦ ଆମ ଗହଣରେ ଉପସ୍ଥିତ ହୋଇଛନ୍ତି ଓ ଆମ୍ଭମାନଙ୍କୁ ଉତ୍ସାହିତ କରିଛନ୍ତି । ଏପରିକି ମହାମହିମ ରାଜ୍ୟପାଳ ମହୋଦୟ ତିନିଥର ସଂଘ ଭବନ ପରିସରକୁ ଆସି ସମ୍ମିଳନୀରେ ଯୋଗ ଦେଇଛନ୍ତି ଓ ଡିପ୍ଲୋମା ଇଂଜିନିୟରମାନଙ୍କ କ୍ଷେତ୍ର ଉପରେ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଓଡ଼େଶାକୁ ଏକ ଶୃଙ୍ଖଳିତ ସଂଘର ମାନ୍ୟତା ପ୍ରଦାନ କରିଛନ୍ତି ।

କେବଳ ପ୍ରତିବର୍ଷ ବାର୍ଷିକ ସାଧାରଣ ସଭା ଓ ସମ୍ମିଳନୀ ନୁହେଁ, ସଂଘ ୨୫ ବର୍ଷରେ ରଜତ ଜୟନ୍ତୀ, ୫୦ ବର୍ଷରେ ସ୍ୱର୍ଣ୍ଣ ଜୟନ୍ତୀ ଓ ୬୦ ବର୍ଷରେ ହୀରକ ଜୟନ୍ତୀ ପାହଳନ କରିଛି । ୭୦ ବର୍ଷରେ 'ସ୍ମୃତି ସତୁରି' ଉତ୍ସବ ପାଳନ କରି ସଂଘର ଅବସରପ୍ରାପ୍ତ ପୂର୍ବତନ ସଦସ୍ୟମାନଙ୍କୁ ସମ୍ମାନ ଜଣାଇ ପୂଜ୍ୟପୂଜା ପରମ୍ପରା ପାଳନ କରିଛି । ୭୫ ବର୍ଷ ପରେ ୨୦୨୦ ମସିହା ଏପ୍ରିଲ ମାସରେ ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନ ନିମିତ୍ତ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ବିଶ୍ୱ ମହାମାରୀ କୋଭିଡ୍-୧୯ର କାୟାବିସ୍ତାର ହେତୁ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା, ଯାହା ଏବେ ପାଳନ ନିମିତ୍ତ ନିଷ୍ପତ୍ତି ହୋଇ ଆସନ୍ତା ଜୁଲାଇ ମାସ ୨୩ ଓ ୨୪ ତାରିଖକୁ ସ୍ଥିର କରାଯାଇଛି । ଆଜି ହେଉଛି ପ୍ଲାଟିନମ୍ ଜୁବୁଲିର ଶୁଭ ସ୍ୱାଗତ ସମାରୋହ ।

ଡିପ୍ଲୋମା ଇଂଜିନିୟର ସେବାସଂଘ କେବଳ ଆମ ରାଜ୍ୟରେ ଗଠିତ ହୋଇନାହିଁ, ଆମ ଦେଶର ପ୍ରତ୍ୟେକ ରାଜ୍ୟରେ ଡିପ୍ଲୋମା ଇଂଜିନିୟର ସେବାସଂଘ ରହିଛି । ପ୍ରତ୍ୟେକ ରାଜ୍ୟସ୍ତରୀୟ ସଂଘକୁ ନେଇ ଜାତୀୟ ସ୍ତରରେ ସର୍ବଭାରତୀୟ ଡିପ୍ଲୋମା ଇଂଜିନିୟର ମହାସଂଘ ଗଠିତ ହୋଇଛି, ଯାହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀଠାରେ ରହିଛି । ଅଧିକନ୍ତୁ - ସାର୍କ ଦେଶମାନଙ୍କର ମହାସଂଘକୁ ନେଇ ସାର୍କ ଡିପ୍ଲୋମା ଇଂଜିନିୟର ଫେଡେରେସନ୍ ଗଠିତ ହୋଇଛି, ଯେଉଁଥିରେ ଭାରତ ସମେତ ବାଂଲାଦେଶ, ପାକିସ୍ଥାନ, ନେପାଳ, ଶ୍ରୀଲଙ୍କା, ଭୁଟାନର ସଂଘମାନେ ସାମିଲ ଅଛନ୍ତି । ପ୍ରତି ଚାରି ବର୍ଷରେ ଥରେ ବିଭିନ୍ନ ଦେଶରେ ସାର୍କ ମହାସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେଉଛି ।

ବନ୍ଧୁଗଣ ! ବିଗତ କୋଡ଼ିଏ ବର୍ଷ ଭିତରେ ଆମ ରାଜ୍ୟ ଓଡ଼ିଶା ବିକାଶର ଏକ ନୂଆ ଯୁଗରେ ପ୍ରବେଶ କରିଛି, ଯେଉଁଥିରେ ଡିପ୍ଲୋମା ଇଂଜିନିୟରମାନଙ୍କର ଦାୟିତ୍ୱ ବୃଦ୍ଧି ହୋଇଛି ଏବଂ ସେମାନଙ୍କ ପଦବୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ବିକାଶର ନୂଆ ଯୁଗର ସଫଳ ସାରଥୀ ହେଉଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ଯାହାଙ୍କ ନେତୃତ୍ୱରେ ଆମ ରାଜ୍ୟରେ ନବନିର୍ମାଣର ଯୁଗ ଆରମ୍ଭ ହୋଇଛି ।

ମୁଁ ମୁକ୍ତ କଣ୍ଠରେ କହିବାକୁ ଚାହେଁ ଯେ ସେ କେବଳ ଆମ୍ଭମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୃଦ୍ଧି କରିନାହାନ୍ତି କିମ୍ବା ପଦବୀ ସଂଖ୍ୟା ବୃଦ୍ଧି କରିନାହାନ୍ତି, ଡିପ୍ଲୋମା ଇଂଜିନିୟରମାନଙ୍କର ଦୀର୍ଘ ଦିନରୁ ଥିବା ବିଭିନ୍ନ ସମସ୍ୟାକୁ ହୃଦୟଙ୍ଗମ କରିଛନ୍ତି ଓ ସେ ସବୁର ସମାଧାନ ପାଇଁ ମଧ୍ୟ ଉଦ୍ୟମ କରିଛନ୍ତି । ଏହା ସ୍ୱୀକାର୍ଯ୍ୟ ଯେ ୨୦୧୮ ମସିହାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଡିପ୍ଲୋମା ଇଂଜିନିୟରମାନଙ୍କ ସମସ୍ୟାର ସମାଧାନର ଯେଉଁ ପ୍ରତିଶୃତି ଦେଇଥିଲେ, ୨୦୨୦ ମସିହା ସୁଦ୍ଧା ସମସ୍ତ ପ୍ରତିଶ୍ରୁତି ବାସ୍ତବ ରୂପ ନେଇଛି । ଆଜି ସଂଘର ୭୮ତମ ପ୍ରତିଷ୍ଠା ଦିବସ ଅବସରରେ ମଞ୍ଚାସୀନ ମାନ୍ୟବର ଅତିଥିମାନଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ରାଜ୍ୟର ସେବାରତ ଆଠହଜାର ଡିପ୍ଲୋମା ଇଂଜିନିୟରମାନଙ୍କ ତରଫରୁ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛି, ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ଆମେ ଆଶାବାଦୀ - ଆଉ ଯେଉଁ କେତେକ ନ୍ୟାଯ୍ୟ ଦାବି ସରକାରଙ୍କ ବିଚାରାଧୀନ ରହିଛି, ମାନ୍ୟବର ମୁଖ୍ୟମନ୍ତ୍ରୀ ଆମକୁ ନ୍ୟାୟ ଦେବେ - ଏ ଆଶା ଭରସା ରହିଛି ।

ବନ୍ଧୁଗଣ ! ଆଉ ଅଧିକ ସମୟ ନେବିନାହିଁ । ଆଜି ୭୮ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ ଅବସରରେ ଆପଣମାନଙ୍କର ସାହାଯ୍ୟ ସହଯୋଗ କାମନା କରିବା ସହିତ ଆସନ୍ତା ଜୁଲାଇ ମାସ ୨୩ ଓ ୨୪ ତାରିଖରେ ପାଳିତ ହେବାକୁ ଥିବା ଜୁବୁଲି ଉତ୍ସବକୁ ସର୍ବସଫଳ କରିବାକୁ ନିବେଦନ କରୁଛି । ପୁନର୍ବାର ଆପଣମାନଙ୍କୁ ଧନ୍ୟବାଦ ଜଣାଇ ମୋର ବକ୍ତବ୍ୟ ଶେଷ କରୁଛି ।

**ଜୟ ଜଗନ୍ନାଥ ! ବନ୍ଦେ ଉତ୍କଳ ଜନନୀ !!**

**ଓଡ଼େଶା - ଜିନ୍ଦାବାଦ୍ !!!**

**ଇଂ ଶ୍ରୀଧର ବାରିକ**

**ସାଧାରଣ ସମ୍ପାଦକ, ଓଡ଼େଶା**

## ଓଡ଼େଶାର ୭୮ତମ ପ୍ରତିଷ୍ଠା ଦିବସ ଓ ପ୍ଲାଟିନମମ୍ ଜୁବୁଲି ସ୍ୱାଗତ ସମାରୋହ ଉତ୍ସବ ଉପଲକ୍ଷେ ସଂଘ ପରିସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସଂଘ ପରିବାରର ପ୍ରତିଯୋଗୀବୃନ୍ଦ

### ସବ୍‌ଜୁନିୟର ବର୍ଗ

| କ୍ର.ନଂ. | ପ୍ରତିଯୋଗୀଙ୍କ ନାମ | ଓଡ଼େଶା ସଦସ୍ୟଙ୍କ ନାମ (ପ୍ରତିଯୋଗୀଙ୍କ ସମ୍ପର୍କୀୟ) | ଅଂଶ ଗ୍ରହଣ କରିଥିବା ପ୍ରତିଯୋଗତୀତାର ନାମ |
|---|---|---|---|
| ୧ | କ୍ରୀଷାକାରୁଣ୍ୟ ବେହେରା | ଇଂ. ଗାୟତ୍ରୀ ବେହେରା | ଡ୍ରଇଂ, ଗୀତ, ନୃତ୍ୟ |
| ୨ | ସାଙ୍ଗଭୀ ସୂର୍ଯ୍ୟାଂଶୀ | ଇଂ. କୁମାରୀ ବିଜୟ ଲକ୍ଷ୍ମୀ | ଡ୍ରଇଂ, ନୃତ୍ୟ |
| ୩ | ଦୈଭିକ ବଂଶାଲ | ଇଂ. ଧରଣୀଧର ଜେନା | କୁଇଜ୍, ଡ୍ରଇଂ, ଗୀତ |
| ୪ | ସୁପ୍ରିତା ସତ୍ୟରୂପା | ଇଂ. ସୂର୍ଯ୍ୟକାନ୍ତି ଦାଶ | ନୃତ୍ୟ |
| ୫ | ସିଧି ମିଶ୍ର | ଇଂ. ଦିଲ୍ଲୀପ କୁମାର ମିଶ୍ର | କୁଇଜ୍, ଡ୍ରଇଂ, ନୃତ୍ୟ |
| ୬ | ଆଦ୍ୟାଶକ୍ତି ସାହୁ | ଇଂ. ଧରଣୀଧର ଜେନା | ନୃତ୍ୟ |
| ୭ | ଆଶୀର୍ବାଦ ମହାରଣା | ଇଂ. ମିହିର କୁମାର ମହାପାତ୍ର | ଡ୍ରଇଂ |
| ୮ | ନବସ୍ପୃହା ମିଶ୍ର | ଇଂ. ଅଭିମନ୍ୟୁ ଗିରି | ଡ୍ରଇଂ, ନୃତ୍ୟ |
| ୯ | ମୁରାଧ ବେହୁରା | ଇଂ. ରମେଶ ଚନ୍ଦ୍ର ମହାନ୍ତି | ନୃତ୍ୟ |
| ୧୦ | ତନୀଷା ତନ୍‌ଭୀ ଦେହୁରୀ | ଇଂ. ଛନ୍ଦାଚରଣ ଦେହୁରୀ | କୁଇଜ୍, ଡ୍ରଇଂ |
| ୧୧ | ଆଦିତୀ ମହାନ୍ତି | ଇଂ. ବିଜୟ ବୈଜୟନ୍ତୀ ଦାଶ | କୁଇଜ୍, ନୃତ୍ୟ |
| ୧୨ | ଅନ୍ୱେଶା ରଥ | ଇଂ. ସତ୍ୟଜିତ୍ ରଥ | କୁଇଜ୍, ଡ୍ରଇଂ, ନୃତ୍ୟ |
| ୧୩ | ବିଦ୍ୟାଶା ମହାନ୍ତି | ଇଂ. ସରୋଜିନୀ ବେହେରା | କୁଇଜ୍ ଡ୍ରିଇଂ |
| ୧୪ | ନତାଶା ପାଢୀ | ଇଂ. ସଂଘମିତ୍ରା ହୋତା | ଡ୍ରଇଂ, ନୃତ୍ୟ |
| ୧୫ | ସ୍ୱୟଂଶ୍ରୀ ରଥ | ଇଂ. ସତ୍ୟ ନାରାୟଣ ରଥ | କୁଇଜ୍, ଡ୍ରଇଂ, ଗୀତ, ନୃତ୍ୟ |
| ୧୬ | ରିକ୍ ରୁବେନ୍ | ଇଂ. ନିଳୀମା ମହାନ୍ତି | ଗୀତ, ନୃତ୍ୟ |

### ଜୁନିୟର ବର୍ଗ

| | | | |
|---|---|---|---|
| ୧୭ | ଅନନ୍ୟା ରଥ | ଇଂ. ସତ୍ୟଜିତ୍ ରଥ | କୁଇଜ୍, ଡ୍ରଇଂ, ନୃତ୍ୟ |
| ୧୮ | ଦେବାଂଶୁ ବାରିକ | ଇଂ. ରବିନ୍ଦ୍ର କୁମାର ବାରିକ | କୁଇଜ୍, ଡ୍ରଇଂ |
| ୧୯ | କୌଶିକ କାନୁନ୍‌ଗୋ | ଇଂ. ରେବତୀକାନ୍ତ କାନୁନ୍‌ଗୋ | କୁଇଜ୍, ଡ୍ରଇଂ |
| ୨୦ | ସାଇସ୍ମୃତି ରଥ | ଇଂ. ଲୋପାମୁଦ୍ରା ମିଶ୍ର | କୁଇଜ୍, ଡ୍ରଇଂ |
| ୨୧ | ସାଇ ଶୁଭମ୍ ରାଉତରାୟ | ଇଂ. ମଧୁସ୍ମିତା ପ୍ରଧାନ | କୁଇଜ୍, ଡ୍ରଇଂ, ଗୀତ |
| ୨୨ | ଆଦିତ୍ରୀ ରାୟ | ଇଂ. ଅଳଶା ଦାଶ | କୁଇଜ୍, ଡ୍ରଇଂ |
| ୨୩ | ଅରବିନ୍ଦ ପ୍ରମାଣିକ | ଇଂ. ଅନୀଲ କୁମାର ପ୍ରମାଣିକ | କୁଇଜ୍, ଡ୍ରଇଂ, ନୃତ୍ୟ |
| ୨୪ | ଦିବ୍ୟାଂଶୀ ସିଂହ | ଇଂ. ଲିପ୍‌ସା ମଲ୍ଲିକ | କୁଇଜ୍, ଡ୍ରଇଂ |
| ୨୫ | କମଲେଶ ସ୍ୱାଇଁ | ଇଂ. ନିହାରୀକା ବେହୁରିଆ | ନୃତ୍ୟ |
| ୨୬ | ଖିରାବ୍ଦୀ ତନୟା | ଇଂ. ସୁଦର୍ଶନ ବେହେରା | ଗୀତ |
| ୨୭ | ରିୟାଂଶୁ ରୋଶନ | ଇଂ. ହିମାଂଶୁ ଶେଖର ଦାସ | କୁଇଜ୍, ଡ୍ରଇଂ |
| ୨୮ | ସ୍ୱାତୀ ସୁଦିପ୍ତା ଜେନା | ଇଂ. ଧରଣୀଧର ଜେନା | ନୃତ୍ୟ |

| | | | |
|---|---|---|---|
| ୨୯ | ସ୍ମୟନ୍ ମହାରଣା | ଇଂ. ମିହିର କୁମାର ମହାପାତ୍ର | ଡ୍ରଇଂ |
| ୩୦ | ଶ୍ରଦ୍ଧାସୁମନ ଗିରି | ଇଂ. ଅଭିମନ୍ୟୁ ଗିରି | ଡ୍ରଇଂ, ନୃତ୍ୟ |
| ୩୧ | ପୌଲମୀ ପରିଡ଼ା | ଇଂ. ହିମାଂଶୁ ଶେଖର ଦାସ | କୁଇଜ୍, ଡ୍ରଇଂ, ନୃତ୍ୟ |
| ୩୨ | ସେୟାଂଶୁ ମିଶ୍ର | ଇଂ. ଦିଲ୍ଲୀପ ମିଶ୍ର | କୁଇଜ୍, ଡ୍ରଇଂ |
| ୩୩ | ସାଇକ୍ରିଷ୍ଟା ପତି | ଇଂ. ଇତିଶ୍ରୀ ପାଣିଗ୍ରାହୀ | କୁଇଜ୍, ଡ୍ରଇଂ |
| ୩୪ | ସୁଦୀପ୍ତ ସତ୍ୟରୂପା | ଇଂ. ସୂର୍ଯ୍ୟକାନ୍ତୀ ଦାଶ | କୁଇଜ୍, ନୃତ୍ୟ |
| ୩୫ | ସୁଶ୍ରୀ ଶୁଭସ୍ମିତା ପତି | ଇଂ. ଇତିଶ୍ରୀ ପାଣିଗ୍ରାହୀ | କୁଇଜ୍, ଡ୍ରଇଂ, ଗୀତ |
| ୩୬ | ବିନାୟକ ମହାନ୍ତି | ଇଂ. ଶ୍ରୀୟା ଦାଶ | କୁଇଜ୍ |
| ୩୭ | ଶ୍ରେୟା ମହାପାତ୍ର | ଇଂ. ସୀମା ସାମନ୍ତରାୟ | କୁଇଜ୍, ଡ୍ରଇଂ, ଗୀତ |
| ୩୮ | ସ୍ମୃତି ଭେଂଶା | ଇଂ. ଟିକନାଥ ଭେଂଶା | ନୃତ୍ୟ |
| ୩୯ | ସାର୍ଥକ ସ୍ୱୟଂଜିତ୍ | ଇଂ. ସୁଦର୍ଶନ ବେହେରା | କୁଇଜ |
| ୪୦ | ସୁଭେନ୍ଦୁ ପାଣିଗ୍ରାହୀ | ଇଂ. ଇତିଶ୍ରୀ ପାଣିଗ୍ରାହୀ | କୁଇଜ୍, ଗୀତ |
| ୪୧ | ସୁଶ୍ରୀ ସଂଗୀତା ପତି | ଇଂ. ଇତିଶ୍ରୀ ପାଣିଗ୍ରାହୀ | କୁଇଜ୍, ଡ୍ରଇଂ, ଗୀତ |
| ୪୨ | ସଂଶା ମହାନ୍ତି | ଇଂ. ବିଜୟ ବୈଜୟନ୍ତି ଦାଶ | କୁଇଜ୍, ଡ୍ରଇଂ |
| ୪୩ | ପ୍ରତୀକ୍ ସାହୁ | ଇଂ. ପ୍ରଶାନ୍ତ କୁମାର ସାହୁ | କୁଇଜ |
| ୪୪ | ଦୀକ୍ଷାଶ୍ରୀ ସାହୁ | ଇଂ. ଦିଲ୍ଲୀପ କୁମାର ସାହୁ | କୁଇଜ୍, ଡ୍ରଇଂ |
| ୪୫ | ଦୀପନ୍ନୀତା ଦଳେଇ | ଇଂ. ଡି. ଦଳେଇ | ଗୀତ, ନୃତ୍ୟ |

**ସିନିୟର ବର୍ଗ**

| | | | |
|---|---|---|---|
| ୪୬ | ଅମ୍ବିକା ବାରିକ | ଇଂ. ଦୁଃଶାସନ ବାରିକ | ଡ୍ରଇଂ |
| ୪୭ | ବି.ଏସ୍. ସ୍ୱୟଂସ୍ନିଗ୍ଧା | ଇଂ. ବନମାଳୀ ବେହେରା | କୁଇଜ୍, ଡ୍ରଇଂ |
| ୪୮ | ନେତ୍ରାନନ୍ଦ ପାଢୀ | ଇଂ. ସଂଘମିତ୍ରା ହୋତା | କୁଇଜ୍, ଡ୍ରଇଂ |
| ୪୯ | କୌସ୍ତୁଭ ମହାନ୍ତି | ଇଂ. ବିଜୟ ବୈଜୟନ୍ତ ଦାସ | କୁଇଜ୍ |
| ୫୦ | ସ୍ୱାତୀ ବେହେରା | ଇଂ. ବ୍ରଜବନ୍ଧୁ ବେହେରା | କୁଇଜ୍, ଡ୍ରଇଂ, ଗୀତ, ନୃତ୍ୟ |
| ୫୧ | ସ୍ୱାତୀ ସୁପ୍ରିୟା ଜେନା | ଇଂ. ଧରଣୀଧର ଜେନା | ଗୀତ |
| ୫୨ | ଅନନ୍ୟା ମହାପାତ୍ର | ଇଂ. ଦେବସ୍ମିତା ତ୍ରିପାଠୀ | କୁଇଜ୍, ଡ୍ରଇଂ |
| ୫୩ | ସ୍ୱାତୀ ପ୍ରିୟଦର୍ଶିନୀ ରାଉତରାୟ | ଇଂ. ଅନୀଲ କୁମାର ରାଉତରାୟ | କୁଇଜ, ଡ୍ରଇଂ, ଗୀତ |
| ୫୪ | ଦେବାଂଶୀ ଦେବଦର୍ଶୀ | ଇଂ. ଶ୍ରୀକାନ୍ତ ମହାପାତ୍ର | ନୃତ୍ୟ |
| ୫୫ | ପୁନମ୍ ପରିଡ଼ା | ଇଂ. ହିମାଂଶୁ ଶେଖର ଦାସ | କୁଇଜ୍, ଡ୍ରଇଂ |
| ୫୬ | ସ୍ମୃତିପ୍ରଜ୍ଞା ରାଉତ | ଇଂ. ସୁଦର୍ଶନ ବେହେରା | କୁଇଜ୍, ଗୀତ |
| ୫୭ | ସ୍ୱସ୍ତିକାରିଣୀ ପାଢୀ | ଇଂ. ରାମଚନ୍ଦ୍ର ପାଢୀ | ନୃତ୍ୟ |
| ୫୮ | ସଂହିତା ପ୍ରିୟଦର୍ଶିନୀ ସାହୁ | ଇଂ. ପ୍ରଶାନ୍ତ କୁମାର ସାହୁ | ଡ୍ରଇଂ, ଗୀତ, ନୃତ୍ୟ |
| ୫୯ | ଶୁଭଂ ବେହେରା | ଇଂ. ପ୍ରତାପ ଚନ୍ଦ୍ର ବେହେରା | କୁଇଜ୍ |
| ୬୦ | ସୋନାଲି ପ୍ରିୟଦର୍ଶିନୀ ବେହେରା | ଇଂ. ପ୍ରତାପ ଚନ୍ଦ୍ର ବେହେରା | କୁଇଜ୍ |

ବି.ଦ୍ର. : ଏଠାରେ ସୂଚନା ଦିଆଯାଉଛି କି, ଓଡ଼ିଶାର ଏହି ୭୮ତମ ପ୍ରତିଷ୍ଠା ଦିବସ ଓ ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ ଅବସରରେ ଉପରୋକ୍ତ ସମସ୍ତ ପ୍ରତିଯୋଗୀମାନଙ୍କୁ ଉତ୍ସବରେ ସଂଘ ତରଫରୁ ଉପସ୍ଥିତ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ଓ ସ୍ମାରକୀ ମେମେଣ୍ଟୋ ପ୍ରଦାନ କରାଯାଇଅଛି ।

# କଟକଠାରେ ମହାମଣ୍ଡଳ ସ୍ତରୀୟ ସାଙ୍ଗଠନିକ ସଭା ଅନୁଷ୍ଠିତ

ଗତ ତା ୫।୬।୨୦୨୨ରିଖ ଦିନ ସନ୍ଧ୍ୟା ୭ ଘଟିକା ସମୟରେ କଟକସ୍ଥିତ କଟକ ଶାଖା କମିଟି ପ୍ରାଙ୍ଗଣରେ ଓଡ଼େଶାର କଟକ ମହାମଣ୍ଡଳ ଅଧିନସ୍ଥ ଶାଖା କମିଟି ଗୁଡ଼ିକୁ ନେଇ ମହାମଣ୍ଡଳ ସ୍ତରୀୟ ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଅଛି । କଟକ ମହାମଣ୍ଡଳ ସମ୍ପାଦକ ଇଂ. ଧ୍ରୁବଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତ୍‌ସିଂହପୁର ଶାଖାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏହି ବୈଠକରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ଉପଦେଷ୍ଟା, ସଭାପତି, ସାଧାରଣ ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷ, ଅତିରିକ୍ତ ସାଧାରଣ ସମ୍ପାଦକ (ସଂଗଠନ), ଓଡ଼େଶା କ୍ରିୟାନୁଷ୍ଠାନ  କମିଟି ଅଧ୍ୟକ୍ଷ, ଓଡ଼େଶା ପ୍ଲାଟିନମ୍ ଜୁବୁଲି କମିଟି ଉପାଧ୍ୟକ୍ଷ, ପୁରୀ ମହାମଣ୍ଡଳ ସମ୍ପାଦକ ଓ ପୁରୀ ଶାଖାର ସଭାପତି ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରିଥିଲେ ।

ସଭାପତିଙ୍କର ସ୍ୱାଗତ ଅଭିଭାଷଣ ପରେ ସଂଘ ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ନିଜ ବକ୍ତବ୍ୟରେ ଆହୂତ ମହାମଣ୍ଡଳ ସ୍ତରୀୟ ବୈଠକର ଉଦ୍ଦେଶ୍ୟ ଓ ସାଙ୍ଗଠନିକ ସ୍ଥିତି ଉପରେ ବିସ୍ତୃତ ବିବରଣୀ ଦେଇଥିଲେ । ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି କୋଭିଡ୍ ଯୋଗୁଁ ଓଡ଼େଶାର ସାଙ୍ଗଠନିକ ସ୍ଥାଣୁତାକୁ କିଭଳି ଦୂରକରାଯାଇପାରିବ ଓ ଆଗାମୀ ଜୁଲାଇ ମାସ ୨୩ ଓ ୨୪ ତାରିଖରେ ପାଳନ କରିବାକୁ ସ୍ଥିରିକୃତ ହୋଇଥିବା ପ୍ଲାଟିନମ୍ ଜୁବୁଲିକୁ କିଭଳି ସଫଳତାର ସହିତ ପାଳନ କରାଯାଇପାରିବ ସେଥିପ୍ରତି ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହା ପୂର୍ବରୁ ଜୁନ୍ ୧୨ ତାରିଖରେ ପ୍ରତିଷ୍ଠା ଦିବସ ଓ ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ ଉତ୍ସବ ପାଳନ ପାଇଁ ସ୍ଥିରିକୃତ ହୋଇଛି ଓ ଏଥିରେ କିଭଳି ବହୁଳ ସଂଖ୍ୟାରେ ସଦସ୍ୟ ସଦସ୍ୟାମାନେ ଯୋଗଦେବେ ସେ ବିଷୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସଂଘର ଉପସଭାପତି ଇଂ. ସୁଦର୍ଶନ ବେହେରା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବା ଡ୍ରଇଂ, କୁଇଜ୍, ନୃତ୍ୟ ଓ ଗୀତର ପ୍ରତିଯୋଗିତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । କିଭଳି ଅଧିକରୁ ଅଧିକ ସଂଖ୍ୟାରେ ଓଡ଼େଶା ପରିବାରର ସଦସ୍ୟମାନଙ୍କର ପିଲାମାନେ ଭାଗ ନେବେ, ସେଥିପାଇଁ କର୍ମକର୍ତ୍ତାମାନେ ଦାୟିତ୍ୱ ନେବା ପାଇଁ ଅନୁରୋଧ କରିଥିଲେ । ଏଠାରେ ଉପସ୍ଥିତ ସଂଘ ସଭାପତି ଶ୍ରୀ ଶ୍ରୀକାନ୍ତ ମହାପାତ୍ର ସଂଘର ବିଭିନ୍ନ ଦାବି ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଉପଦେଷ୍ଟା ଇଂ. ସଚିତ୍ର ମୋହନ ରାଉଳ, କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଇଂ. ନରେନ୍ଦ୍ର କୁମାର ନାୟକ, ପ୍ଲାଟିନମ୍ ଜୁବୁଲି କମିଟିର ଉପାଧ୍ୟକ୍ଷ ଇଂ. ଯଶୋବନ୍ତ ନାୟକ ଓ ଡେଭେଲପମେଣ୍ଟ କମିଟିର ଅଧ୍ୟକ୍ଷ ଇଂ. ପ୍ରଦୀପ କୁମାର ପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ଜରିଆରେ ସମସ୍ତ କର୍ମକର୍ତ୍ତା ଆଗାମୀ ଜୁନ୍ ୧୧ ଓ ୧୨ ତାରିଖର ପ୍ରତିଷ୍ଠା ଦିବସ ପ୍ଲାଟିନମ୍ ଜୁବୁଲି ସ୍ୱାଗତ ସମାରୋହ ସହିତ ଆଗାମୀ ଜୁଲାଇ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ଲାଟିନମ୍ ଜୁବୁଲି ଉତ୍ସବରେ ସବୁ ସଦସ୍ୟଙ୍କର କିପରି ଯୋଗଦାନ ରହିବ ସେ ବିଷୟରେ ବୁଝାଇଥିଲେ ଓ ସବୁ କର୍ମକର୍ତ୍ତା ଏହାକୁ ଗୁରୁତ୍ୱର ସହିତ ନେଇ ଏହାକୁ ସର୍ବସଫଳ କରିବା ନିମିତ୍ତ ଅନୁରୋଧ କରିଥିଲେ ।

ଏଠାରେ ଉପସ୍ଥିତ କଟକ ଶାଖା ଓ ସଂଘର ଅବସରପ୍ରାପ୍ତ ପୂର୍ବତନ ସଦସ୍ୟମାନେ ମଧ୍ୟ ଯୋଗ ଦେଇ ସଂଘର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଆଗାମୀ ପ୍ଲାଟିନମ୍ ଜୁବୁଲି ସମାରୋହରେ ସମସ୍ତେ କିପରି ଭାଗ ନେବେ ସେଥିରେ ସହଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ପୂର୍ବତନ ସଭାପତି ଇଂ. ବ୍ରଜ କିଶୋର ପଟ୍ଟନାୟକ, ଉପସଭାପତି ଇଂ. ସୁଶୀଲ କୁମାର ମହାପାତ୍ର, ଇଂ. ଜର୍ଜ କୁମାର ପଟ୍ଟନାୟକ, ଇଂ. ପ୍ରମୋଦ କୁମାର ସ୍ୱାଇଁ, ଇଂ. ଚିତ୍ତରଂଜନ ଜେନା ଓ ଇଂ. ପ୍ରସନ୍ନ କୁମାର ସେନାପତିଙ୍କ ସମେତ ଅନେକ ଅବସରପ୍ରାପ୍ତ ସଦସ୍ୟବୃନ୍ଦ ଯୋଗଦାନ କରିଥିଲେ । ଏହି ଅବସରରେ ସେମାନଙ୍କୁ ଶାଖା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପୁରୀ ମହାମଣ୍ଡଳ ସମ୍ପାଦକ ଇଂ. ଓକିଲ ମହାପାତ୍ର, ପୁରୀ ଶାଖା ସଭାପତି ଇଂ. ମକର ବେହେରା ଉତ୍ତରାଞ୍ଚଳ ମହାମଣ୍ଡଳର ପୂର୍ବତନ ସମ୍ପାଦକ ତଥା ଅବସରପ୍ରାପ୍ତ ସଦସ୍ୟ ଇଂ. ହୃଷିକେଶ ସାହୁ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ଆଗାମୀ ଉତ୍ସବ ଗୁଡ଼ିକର ସଫଳତା କାମନା କରିବା ସହିତ କଟକ ଶାଖାର ଆତିଥେୟତା ପାଇଁ ଶାଖାର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ବୈଠକରେ ଅନ୍ୟ ଏକ ପ୍ରମୁଖ ଘଟଣା ଥିଲା ନିକଟ ଅତୀତରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବା ଓଡ଼େଶା ସଂଗଠନର ଦୁଇ ଟାଣୁଆ ସଂଗଠକ ଇଂ. ଯଶୋବନ୍ତ ନାୟକ ଓ ଉତ୍ତରାଞ୍ଚଳ ମହାମଣ୍ଡଳ ସମ୍ପାଦକ ଇଂ. ହୃଷିକେଶ ନାୟକଙ୍କୁ ଶାଖା ତରଫରୁ ଦିଆଯାଇଥିବା ଉତ୍ସସିତ ସମ୍ବର୍ଦ୍ଧନା । ଶାଖା ତରଫରୁ ଉଭୟଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ବକ୍ତାମାନେ ସେମାନଙ୍କର ସଂଘୀୟ କାର୍ଯ୍ୟଧାରା, ସଂଘପ୍ରେମ ଓ ସଂଘ ପ୍ରତି ଥିବା ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ ।

ଏହି ଅବସରରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର କର୍ମକର୍ତ୍ତାମାନଙ୍କୁ ମଧ୍ୟ ଶାଖା ତରଫରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଆରମ୍ଭରେ ଶାଖା ସମ୍ପାଦକ ଇଂ. ଅରବିନ୍ଦ ପଣ୍ଡା ଓ ସଭାପତି ଇଂ. ଦେବେନ୍ଦ୍ର ବିଶ୍ୱାଳ ସମସ୍ତଙ୍କୁ କଟକ ଶାଖା ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହି ସଭାରେ କଟକ ମହାମଣ୍ଡଳର ବିଭିନ୍ନ ଶାଖା କମିଟିରୁ ସଦସ୍ୟ ସଦସ୍ୟାମାନେ ଯୋଗଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଶେଷରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭାସାଙ୍ଗ କରାଯାଇଥିଲା ।

# ଓଡ଼େଶାର ପୂର୍ବତନ ସାଧାରଣ ସମ୍ପାଦକ ଇଂ. ଯଶୋବନ୍ତ ନାୟକଙ୍କର ସରକାରୀ ଚାକିରୀରୁ ଅବସର



ଇଂ. ଯଶୋବନ୍ତ ନାୟକ ଓଡ଼େଶା ସଂଗଠନର ଜଣେ ଅଭୁଲା ବ୍ୟକ୍ତିତ୍ୱ । ଜନ୍ମ -୮ ମଇ, ୧୯୬୨ ମସିହା । ସିଭିଲ୍ ଇଂଜିନିୟରିଂରେ ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲରୁ ୧୯୮୩ ମସିହାରେ ଉତ୍ତୀର୍ଣ୍ଣ ହୋଇ, ୧୯୮୮ ମସିହା ଅପ୍ରେଲ୍ ମାସରେ ଜଳସମ୍ପଦ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବରେ ସୁନ୍ଦରଗଡ଼ଠାରେ ସରକାରୀ ଚାକିରୀରେ ଯୋଗଦାନ କରିଥିଲେ । ପାଠ ପଢିବା ସମୟରୁ ସେ ଛାତ୍ର ରାଜନୀତିରେ ଜଡ଼ିତ ଥିଲେ ଓ DSO ସହ କାମ କରିଥିଲେ । ସରକାରୀ ଚାକିରୀ ଆରମ୍ଭରୁ ତାଙ୍କର ସଂଘ ପ୍ରତିଥିଲା ଅଶେଷ ଭଲ ପାଇବା ଓ ମୋହ । ଚାକିରୀ ଆରମ୍ଭରୁ ସେ ସୁନ୍ଦରଗଡ଼ ଶାଖା କମିଟିର ସମ୍ପାଦକ ଭାବରେ ମନୋନୀତ ହୋଇ ସଂଘୀୟ କାର୍ଯ୍ୟ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ସୁନ୍ଦରଗଡ଼ରୁ ୧୯୯୨ ମସିହାରେ ଭୁବନେଶ୍ୱରକୁ ବଦଳି ହୋଇଥିଲା । ୧୯୯୨-୯୩ ବର୍ଷ ସେ ଟେକ୍ନୋଟାଇମ୍ସର ସମ୍ପାଦନା ମଣ୍ଡଳୀ ସଦସ୍ୟ ଭାବରେ ସଂଘର କାର୍ଯ୍ୟ କରିଥିଲେ । ୧୯୯୪ ମସିହାରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ସଂଗଠନ ସମ୍ପାଦକ, ୧୯୯୫ ମସିହାରେ ସମୀକ୍ଷକ, ୧୯୯୭-୯୮ ମସିହାରେ କାର୍ଯ୍ୟକାରୀ ସଦସ୍ୟ ଭାବରେକାର୍ଯ୍ୟକରି ଶାଖା କମିଟିଗୁଡ଼ିକୁ ବୁଲି ସାଙ୍ଗଠନିକ କାର୍ଯ୍ୟ କରିଥିଲେ । ପୁନର୍ବାର ୧୯୯୯ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସଂଗଠନ ସମ୍ପାଦକ, ୨୦୦୧ ରୁ ୨୦୦୭ ମସିହା ଉପ-ସଭାପତି, ୨୦୦୮ରେ ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରି ସଂଘୀୟ କାର୍ଯ୍ୟକୁ ସୁପରିଚାଳନା କରିଥିଲେ । ସଂଘର ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟରେ ମଧ୍ୟ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସେ ସବୁବେଳେ ସଂଘୀୟ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଉଥିଲେ । ସଂଘର ବିଭିନ୍ନ କଠିନ ସମୟରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଂଘର ଜଣେ ଶୃଙ୍ଖଳିତ ସଦସ୍ୟ ଭାବରେ ସେ ସଂଘର ନିଷ୍ପତ୍ତିକୁ ସର୍ବଦା ଗୁରୁତ୍ୱ ଦେଉଥିଲେ ଓ ସଂଘର ସଦସ୍ୟ ସଦସ୍ୟାମାନଙ୍କ ପାଇଁ ଯାହା ଗ୍ରହଣୀୟ, ତାହା କରୁଥିଲେ । ସଂଘୀୟ କାର୍ଯ୍ୟ କରିବା ତାଙ୍କର ଏକ ନିଶାରେ ପରିଣତ ହୋଇଥିଲା । ସଂଘର ଆନ୍ଦୋଳନ ହେଉ ବା ବେତନ କମିଶନ ନିକଟରେ ଦାବି ଉପସ୍ଥାପନ ହେଉ ସେ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ ।

ଓଡ଼େଶା ଭଳି ଏ ସଂଗଠନର ସଦସ୍ୟ ହେଲେ କିପରି ସବୁ ବିପଦରୁ ମୁକ୍ତିମିଳେ ଓ ଅସମ୍ଭବ କାର୍ଯ୍ୟ ସମ୍ଭବ ହୁଏ, ସେ ତାହା ସବୁବେଳେ ବୁଝାଇଥାନ୍ତି । ଓଡ଼େଶାର ପ୍ରତ୍ୟେକ କାର୍ଯ୍ୟରେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତି । ସେ ତାଙ୍କର ଉତ୍ତମ ବ୍ୟବହାର ଓ ବନ୍ଧୁବତ୍ସଳତା ପାଇଁ ସମସ୍ତଙ୍କ ଦ୍ୱାରା ଆଦୃତ ହେଉଥିଲେ । ସରକାରୀ ନିୟମ ଅନୁସାରେ ୬୦ ବର୍ଷ ବୟସରେ ଗତ ତା ୩୧.୦୫.୨୦୨୨ରିଖରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଗତ ୬୮ତମ ପ୍ରତିଷ୍ଠା ଦିବସରେ ଓଡ଼େଶା ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି ।

ଓଡ଼େଶା ପ୍ରତି ତାଙ୍କର ଆନୁଗତ୍ୟ, ସଂଘପ୍ରେମକୁ ଯୁବପିଢୀ ଅନୁସରଣ କରି ସଂଘୀୟ କାର୍ଯ୍ୟକୁ ଆଗେଇ ଆସିବା ପାଇଁ ସମସ୍ତଙ୍କୁ ଅନୁରୋଧ । ତାଙ୍କର ଅବସରକାଳୀନ ଜୀବନ ସୁଖମୟ, ଶାନ୍ତିମୟ ଓ ନୀରାମୟ ରହୁ ଓ ସେ ଦୀର୍ଘଜୀବୀ ହୁଅନ୍ତି ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା । ଅବସର ପରେ ମଧ୍ୟ ସେ ସଂଘୀୟ କାର୍ଯ୍ୟରେ ତାଙ୍କର ମୂଲ୍ୟବାନ ସହଯୋଗ ଜାରି ରଖିବେ ବୋଲି ସଂଘ ତରଫରୁ ଆଶା ପ୍ରକଟ କରାଯାଇଛି ।

# ଓଡ଼େଶା ଇତିହାସରେ ଜଣେ ସୁସଂଗଠକ ହୃଷି ଭାଇ



ନାଁଟି ତାଙ୍କର ଇଂ. ହୃଷିକେଶ ସାହୁ । ଓଡ଼େଶା ସଂଗଠନରେ ହୃଷିଭାଇ ଭାବରେ ସମସ୍ତଙ୍କର ବେଶ ଜଣାଶୁଣା । କଥାରେ କଥାରେ ସେ ସମସ୍ତଙ୍କୁ ଶିଖାନ୍ତି ସଂଘୀୟ ଭାବଧାରା, ସଂଘୀୟ ବିଚାରଧାରା, ସଂଘୀୟ ନିତିନିୟମ, ଶୃଙ୍ଖଳା, ସଂଘ ପ୍ରତି ସଦସ୍ୟମାନଙ୍କର କର୍ତ୍ତବ୍ୟ ଓ ସଂଗଠନରେ କାର୍ଯ୍ୟକର୍ତ୍ତାମାନଙ୍କର ଦାୟିତ୍ୱବୋଧ ଓ ନିଜର ପଦପଦବୀର ଉଭୟ ଦାୟିତ୍ୱ । ସେ ସବୁକୁ ସେ ନିଜେ ବହନ କରନ୍ତି ଓ ଅନ୍ୟମାନଙ୍କୁ ଏହାକୁ ଅନୁସରଣ କରିବାକୁ ଉପଦେଶ ଦିଅନ୍ତି । ବିଭିନ୍ନ ପଦପଦବୀରେ ରହି ସାଙ୍ଗଠନିକ କାର୍ଯ୍ୟ କରିବାର କଳା କୌଶଳ ତାଙ୍କୁ ବେଶ୍ ଜଣା । ସମୟ ସମୟରେ ସେ ସଦସ୍ୟମାନଙ୍କୁ ନିଜର ଶାଣିତ ଉଦ୍‌ବୋଧନରେ କରିଥାନ୍ତି ହତ୍‌ବାକ୍ ଓ ସଂଘୀୟ ଭାବଧାରାରେ ଅନୁପ୍ରାଣିତ ହୋଇ ସଂଘ ଦ୍ୱାରା ପ୍ରଣିତ ନିତିନିୟମ ମଧ୍ୟରେ ରହି କାର୍ଯ୍ୟ କରିବାକୁ ବାଧ କରିଥାନ୍ତି । ଶାଖା ସ୍ତରରେ ହେଉ ଅବା ମହାମଣ୍ଡଳସ୍ତର, ସାଧାରଣ ପରିଷଦ ବୈଠକ ହେଉ ଅବା ସାଧାରଣ ସଭା ସବୁଠାରେ ସଦସ୍ୟମାନେ ଅପେକ୍ଷା କରିଥାନ୍ତି ତାଙ୍କର ଅନ୍ତିମ ଭାଷଣକୁ । ଯେକୌଣସି ପ୍ରକାରର ଜଟିଳ ପରିସ୍ଥିତିରୁ କିଭଳି ମୁକୁଳିବାକୁ ହେବ ସେଥିପାଇଁ ସେ ଦେଇଥାନ୍ତି ଉପଯୁକ୍ତ ପରାମର୍ଶ । ସେଥିପାଇଁ ତୃଣମୂଳ ସ୍ତରରୁ ଆରମ୍ଭ କରି କେନ୍ଦ୍ରୀୟ ଶୀର୍ଷ ନେତୃତ୍ୱଙ୍କ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଦ୍ୱାରା ଆଦୃତ ହେଉଥିଲେ । ସେ ଥିଲେ ଜଣେ ସଂଘପ୍ରେମୀ ଦକ୍ଷ ସଂଗଠକ, କେବଳ ସେତିକି ନୁହେଁ ପେଟପାଟଣା ପାଇଁ ଲଢେଇ କରୁଥିବା ସଂଗଠନ ସହିତ ଥିଲା ତାଙ୍କର ନିବିଡ଼ ସମ୍ପର୍କ । ଅନ୍ୟାୟ ବିରୁଦ୍ଧରେ ଦୃଢ଼ତାର ସହ ସ୍ୱର ଉତ୍ତୋଳନ ଓ ଲଢେଇ କରିବା ଥିଲା ତାଙ୍କର ବିଶେଷତ୍ୱ । ଅପ୍ରିୟ ହେଲେ ମଧ୍ୟ ସେ ସବୁବେଳେ ସତ କହିବା ସହ ଅନ୍ୟାୟର ପ୍ରତିବାଦ କରୁଥିଲେ । ଯେଉଁଥିପାଇଁ ଚାକିରୀ ପ୍ରାରମ୍ଭରେ ତାଙ୍କର ହୋଇଛି ବାରମ୍ବାର ବଦଳି ଓ ଇସ୍ତଫା । ୧୯୮୨ ମସିହାରେ ସେ ପୂର୍ତ୍ତ ବିଭାଗରେ କାର୍ଯ୍ୟ ଆରମ୍ଭ କରିଥିଲେ । ଚାକିରୀ ଆରମ୍ଭରୁ ସେ ଥିଲେ ଓଡ଼େଶା ସଂଗଠନ ସହିତ ଜଡ଼ିତ । ଉତ୍ତର ଓଡ଼ିଶା ବିଶେଷ କରି ବାଲେଶ୍ୱରଠାରେ ଥିଲା ତାଙ୍କର କାର୍ଯ୍ୟକ୍ଷେତ୍ର ଓ ସେଠାରେ ସେ ଓଡ଼େଶାର ବିଭିନ୍ନ କାର୍ଯ୍ୟକର୍ତ୍ତାଭାବରେ ଦାୟିତ୍ୱ ନେଇଥିଲେ । ଶାଖା ସମ୍ପାଦକ ଠାରୁ ଆରମ୍ଭ କରି ଉତ୍ତରାଞ୍ଚଳ ମହାମଣ୍ଡଳ ସମ୍ପାଦକ ଦାୟିତ୍ୱ ବହନ କରି ସଙ୍ଗଠନକୁ କରିଥିଲେ ମଜଭୁତ ଓ କ୍ରିୟାଶୀଳ । ମୟୁରଭଞ୍ଜ, ଭଦ୍ରକ, ବାଲେଶ୍ୱର ଶାଖା କମିଟି ଗୁଡ଼ିକରେ ଥିଲା ତାଙ୍କର ଅଖଣ୍ଡ କର୍ତ୍ତୃତ୍ୱ । ତାଙ୍କର ଦାୟିତ୍ୱ ସମୟରେ ସେ ଦୁଇଥର ମହାମଣ୍ଡଳ ସ୍ତରୀୟ ସମ୍ମିଳନୀ କରି ନିଜର ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଥିଲେ । ସେତିକି ନୁହେଁ ସଂଘର ଗଣଧାରଣା, ଆନ୍ଦୋଳନ, ସମୂହ ଛୁଟି ଆନ୍ଦୋଳନ, ରାଜ ରାସ୍ତାରେ ରାଲି ସବୁଠାରେ ସେ ରହୁଥିଲେ ଆଗଧାଡ଼ିରେ ଓ ସମସ୍ତଙ୍କୁ ପ୍ରେରଣା ଯୋଗାଇଥିଲେ । ସେ ସବୁବେଳେ କୁହନ୍ତି ସଂଗଠନରେ ବ୍ୟକ୍ତି ନୁହେଁ, ଅନୁଷ୍ଠାନ ବଡ଼ । ସଂଗଠନରେ ବହୁ କର୍ମକର୍ତ୍ତା ଆସିବେ, ଯିବେ ହେଲେ ସଂଗଠନ ସବୁବେଳେ ନିଜସ୍ୱ ପରିଚୟ ନେଇ ଆଗକୁ ବଢିବ । ଯୁବପିଢୀ ସବୁବେଳେ ସଂଘୀୟ ଭାବଧାରାରେ ସାମିଲ୍ ହୁଅନ୍ତୁ । ସଂଘକୁ ଭଲ ପାଆନ୍ତୁ ଓ ସଂଘୀୟ ନିଷ୍ପତ୍ତିକୁ ପାଳନ କରନ୍ତୁ । ଏହାହିଁ ଥିଲା ତାଙ୍କର ସବୁବେଳେ ଉପଦେଶ । ସଂଘର କର୍ମକର୍ତ୍ତା ହେବାକୁ ହେଲେ ସେବା କରିବାର ମାନସିକତା ରଖିବା ଆବଶ୍ୟକ ବୋଲି ସେ କହୁଥିଲେ । ସରକାରୀ ଆଭିମୁଖ୍ୟ ସହ ତାଳ ଦେଇ ସଂଘର ଭବିଷ୍ୟତକୁ ଆଖି ଆଗରେ ରଖି ନେତୃତ୍ୱକୁ ସମୟୋଚିତ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ସବୁବେଳେ କୁହନ୍ତି । ଓଡ଼େଶା ଭଳି ଏକ ବଟ ବୃକ୍ଷ ତଳେ ଆଶ୍ରୟ ନେଲେ କିପରି ନିଜର ସୁରକ୍ଷା ମିଳେ ସେ ସର୍ବଦା ତାହା ପ୍ରକାଶ କରିଥାନ୍ତି ।

ସରକାରୀ ନୀତି ନିୟମରେ ସମସ୍ତେ ବନ୍ଧା । ଜନ୍ମମୃତ୍ୟୁ ସତ୍ୟ ଭଳି, ସରକାରୀ ଚାକିରୀରେ ପ୍ରବେଶ ଓ ଚାକିରୀରୁ ଅବସର ଏ ଦୁଇଟି ଚିରନ୍ତନ ସତ୍ୟ । ଏହି ଧାରାରେ ହୃଷିଭାଇ ଚାକିରୀରୁ କାର୍ଯ୍ୟ ଶେଷ କରି ୬୦ ବର୍ଷ ବୟସରେ ସରକାରୀ ଚାକିରୀରୁ ଅବସର ନେଇଛନ୍ତି ଗତ ମେ ମାସ ୩୧ ତାରିଖରେ । ସଂଗଠନକୁ ସେ କିଭଳି ଭଲ ପାଆନ୍ତି ତା'ର ପରିଚୟ ସେ ଦେଇଥିଲେ ଅବସରର ଦୁଇ ଦିନ ଆଗରୁ ବାରିପଦାଠାରେ ଉତ୍ତରାଞ୍ଚଳ ମହାମଣ୍ଡଳସ୍ତରୀୟ ବୈଠକ କରାଇ ।

ଅଧିକନ୍ତୁ ଉତ୍ତମ ବ୍ୟବହାର ଓ ବନ୍ଧୁ ବତ୍ସଳତା ଥିଲା ତାଙ୍କର ବ୍ୟକ୍ତିତ୍ୱର ଆଉ ଏକ ପରିଚୟ । ତତ୍‌ସହିତ ସେ ମଧ୍ୟ ଜିଲ୍ଲା ସ୍ତରୀୟ ରକ୍ତଦାତା ସଂଘ ଓ ସର୍ବଭାରତୀୟ ରକ୍ତଦାତା ସଂଘର କର୍ମକର୍ତ୍ତା ରହି ଅନେକ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଇ ଜନସାଧାରଣଙ୍କ ପାଇଁ ରକ୍ତ ସଂଗ୍ରହ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏଥିପାଇଁ ସେ ସର୍ବସାଧାରଣରେ ହୋଇଛନ୍ତି ପ୍ରଶଂସିତ ।

